## ସଂକ୍ଷେପରେ

### ଗଛରେ ପିଟିହୋଇ ବାଇକ ଆରୋହୀଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୨।୧୨(ଡି.ଏନ.ଏ.)- ପୁରୁଷୋତ୍ତମପୁର ସହର ଉପକଣ୍ଠ କନକାସାହି ଛକ ଟିଭିଏସ ସୋରୁମ ସମ୍ମୁଖରେ ଥିବା ଏକ ଗଛରେ ପିଟିହୋଇ ବାଇକ୍ ଆରୋହୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବଡଖରିଡା ଗ୍ରାମର ଡ୍ରାଇଭର ନାହାକ (୫୨)। କୌଣସି କାର୍ଯ୍ୟରେ ଡ୍ରାଇଭର ପିଚ୍ଛୁଲି ଗ୍ରାମକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଯାଇଥିଲେ। ଗୁରୁତର ଆହାତ ଅବସ୍ଥାରେ ଦମକଳ ବାହିନୀ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଇକିଆ,୨।୧୨(ଡି.ଏନ.ଏ)-ରାଇକିଆ ସୁଧା କିରଣ କଲେଜରେ ନୂତନ ଛାତ୍ରୀ ଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ଓ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନରତ ସହପାଠୀମାନେ ସ୍ୱାଗତ କରିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ବିଧାୟକ ପ୍ରତିନିଧି ସୁଶିଲ ଦିଗାଲ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ଦିଗାଲ ନୂତନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଯୁକ୍ତ ତିନି ଶେଷ ବର୍ଷ ଛାତ୍ର ପ୍ରତାପ ରଣା ଓ ବିଷ୍ଣୁନ୍ତ ପ୍ରଧାନ।

### ଜନ ଆରୋଗ୍ୟ ସମିତିର ସାଧାରଣ ବୈଠକ

ବଲସକୁମ୍ପା,୨।୧୨-ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତର ବାରିକୁମ୍ପା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବୁଧବାର ଜୋନ ନଂ ୩ ଜିଲା ପରିଷଦ ସଭ୍ୟା ମମତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ଜନ ଆରୋଗ୍ୟ ସମିତିର ଏକ ସାଧାରଣ ବୈଠକ ସ୍ଥାନୀୟ ବହୁମୁଖୀ ଉପଯୋଗୀ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ. ନିମାଇଁ ଚରଣ ବିଶି, ବାରିକୁମ୍ପା ସ୍ୱାସ୍ଥ୍ୟ କେନ୍ଦ୍ରର ଡଃ ପୀୟୁଷ ମୋହନ ସାମଲ, ଆୟୁଷ ଡଃ ପଞ୍ଚ ଶିଳା ଦାସ, ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ ଏବଂ ଚନ୍ଦ୍ର ଶେଖର ବେହେରା, ଆଡାସିପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ବ୍ରଜମୋହନ କହଁର, ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ପଙ୍କଜ ମଲ୍ଲିକ, ବଲସକୁମ୍ପା ପଞ୍ଚାୟତ ବିଜେଡି ସଭାପତି ଅରୁଣ କୁମାର ପ୍ରଧାନ, ଷ୍ଟାଫ୍ ନର୍ସ ସରିତା ଦିଗାଲ, ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆର୍ଥିକ ବର୍ଷ ୨୦୨୨-୨୩ର ଆର୍ଥିକ ଅଟକଳ ପ୍ରସ୍ତୁତ କରାଯାଇଥିଲା ଏବଂ ଡାକ୍ତରଖାନର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

# ଗଞ୍ଜାମରେ ୩,୮୬୦ଜଣ ପାଇବେ ଭତ୍ତା

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା

ଛତ୍ରପୁର,୨।୧୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଗଞ୍ଜାମ ଜିଲାର ୩,୮୬୦ ଜଣ କଳାକାର ଭତ୍ତା ପାଇବେ। ଏଥିସକାଶେ ତାଲିକା ପ୍ରସ୍ତୁତ ହୋଇସାରିଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁକ୍ରବାର ଅନୁଷ୍ଠିତ ଏକ ଆଭାସୀ ବୈଠକରେ ଅଧ୍ୟକ୍ଷତା କରି ଜିଲାକୁ ପ୍ରାପ୍ତ ହୋଇଥିବା ସଂଖ୍ୟା ଅନୁସାରେ ସମସ୍ତ କଳାକାର ଯେଭଳି ଭତ୍ତା ପାଇବେ ସେ ନେଇ ତୁରନ୍ତ ରାଜ୍ୟକୁ ତାଲିକା ପ୍ରେରଣ କରିବାକୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସଂସ୍କୃତି ଅଧିକାରୀ ଜିତେନ ପରିଡା ବୈଠକରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ୨୦୧୮ରେ ଗଞ୍ଜାମ ଜିଲାରେ ୩୮୬୦ ଜଣ କଳାକାର ଏହି ଭତ୍ତା ପାଇବା ସକାଶେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ। ଯାହାକି ରାଜ୍ୟର ସବୁ ଜିଲାଠାରୁ ସର୍ବାଧିକ। ସେହି ପ୍ରକାରେ ଉକ୍ତ ବର୍ଷ କଳାକାରମାନଙ୍କ ଆବେଦନ ପରେ ଚୟନ କରାଯାଇ ମୋଟ ୧୭୫୬ ଜଣଙ୍କ ନାମ ସୁପାରିଶ ହୋଇଥିଲା ଓ ସେମାନେ କଳାକାର ଭତ୍ତା ପାଇ ଆସୁଥିଲେ। ବଳକା ୨୧୦୪ ଜଣ ଭତ୍ତା ନେବାକୁ ଥିଲା। କଳାକାରମାନଙ୍କ ମଧ୍ୟରୁ ଅନେକ ବିୟୋଗ ପରେ ପୁନର୍ବାର କଳାକାର ଭତ୍ତା ନିମନ୍ତେ ଆବେଦନ ସଂଗ୍ରହ କରାଯାଇଥିଲା। ଗଞ୍ଜାମ ଜିଲ୍ଲାରୁ ସମୁଦାୟ ୫୬୬୮ ଜଣ କଳାକାରଙ୍କ ଠାରୁ ଆବେଦନ ପତ୍ର ପ୍ରାପ୍ତ ହୋଇଥିଲା। ପ୍ରାପ୍ତ ହୋଇଥିବା ସମସ୍ତ ଆବେଦନ ପତ୍ର ଯାଞ୍ଚ କରାଯିବାରେ ୪୯୮୩ ଜଣଙ୍କ ପ୍ରମାଣପତ୍ର ଠିକ ଥିଲା। ଠିକ ଥିବା ସମସ୍ତ କଳାକାରଙ୍କ ତାଲିକା ସେମାନଙ୍କ ବ୍ଲକ, ଏନ୍ଏସି ଏବଂ ବ୍ରହ୍ମପୁର ମହାନଗର ନିଗମକୁ ଚୟନ ସକାଶେ ପଠାଯାଇଥିଲା। ବ୍ଲକ କଳାକାର ସଂଘର ସଭ୍ୟମାନଙ୍କୁ ସଂପୃକ୍ତ କରାଯାଇ ସେମାନଙ୍କସ୍ତରରେ ଚୟନ କରି ପ୍ରକୃତ କଳାକାରଙ୍କ ନାମ ତାଲିକା ଜିଲା କାର୍ଯ୍ୟାଳୟକୁ ପ୍ରେରଣ ସକାଶେ ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। ପୂର୍ବରୁ ଭତ୍ତା ପାଇଥିବା ୧୭୫୬ କଳାକାର ଏବଂ ନୂତନ ଭାବେ ୨୧୦୪ଜଣ କଳାକାରଙ୍କୁ ମିଶାଯାଇ ଜିଲାକୁ ପ୍ରାପ୍ତ ହୋଇଥିବା ୩୮୬୦ ଜଣ କଳାକାରଙ୍କ ନାମ ରାଜ୍ୟ କାର୍ଯ୍ୟାଳୟକୁ ପଠାଯିବ। ସମସ୍ତ କଳାକାର ଯେପରି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଭତ୍ତା ପାଇବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୈଠକରେ ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତି ଭାସନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର ଏବଂ ଜିଲା କଳା ସଂସ୍କୃତି ସଂଘ ସଭାପତି ସନ୍ତୋଷ କୁମାର ପାଢୀ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କୁ ପିଟିବା ମହଙ୍ଗା ପଡ଼ିଲା

# ବଦଳିଲେ ଗୋପାଳପୁର ଥାନାଧିକାରୀ



ଖବରଦାତା ସମ୍ମିଳନୀରେ ସୁମନ ଏବଂ ତାଙ୍କ ସ୍ତ୍ରୀ।

ଫୁଲବାଣୀ ଅଫିସ/ଗୋପାଳପୁର (ଡି.ଏନ୍.ଏ.),୨।୧୨

ଆଇନକୁ ଉଲ୍ଲଂଘନ କରି ଦାଦାଗିରି ଦେଖାଇବା ଗଞ୍ଜାମ ଜିଲା ଗୋପାଳପୁର ଥାନାଧିକାରୀଙ୍କୁ ମହଙ୍ଗା ପଡ଼ିଛି। ବିନା ଦୋଷରେ କନ୍ଧମାଳ ଜିଲା ରାଇକିଆର ଜଣେ ଯୁବ ବ୍ୟବସାୟୀଙ୍କୁ ମାଡମାରି ଲହୁଲୁହାଣ କରିବା ଅଭିଯୋଗରେ ଶୁକ୍ରବାର ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଥାନାଧିକାରୀଙ୍କ ମାଡ଼ରେ ଗୁରୁତର ଆହତ ହୋଇଥିବା ବ୍ୟବସାୟୀ ସୁମନ କୁମାର ସାହୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି।

ରାଇକିଆ ଗ୍ରାମର ସୁମନଙ୍କ ଏକ କପଡା ଦୋକାନ ବଜାରରେ ଅଛି। ସେ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର ମହିଳା ସ୍ମୃତିରେଖା ସାହୁଙ୍କ ନିକଟରୁ ପାଖାପାଖି ୪ ଲକ୍ଷ ଟଙ୍କା ଉଧାର ନେଇଥିଲେ। ସମୟ କ୍ରମେ ସୁଧ ସହ ମୂଳ ଟଙ୍କା ଅନ୍‌ଲାଇନ ଜରିଆରେ ସେ ଫେରାଇ ଦେଇଥିଲେ। ହେଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା କପିକୁ ସୁମନ ନେଇ ନ ଥିଲେ। ଏହାର ସୁଯୋଗ ନେଇ ସ୍ମୃତିରେଖା ପୁଣି ସୁମନଙ୍କୁ ଟଙ୍କା ଶୁଝିବା ଲାଗି ଚାପ ପକାଇ ଆସୁଥିଲେ। କୌଣସି ଟଙ୍କା ମୋତେ ଦେଇନ କହି ବାରମ୍ବାର ମାନସିକ ନିର୍ଯାତନା ଦେଉଥିଲେ। ଏପରି କି ସୁମନଙ୍କ ଦୋକାନରେ ପଶି ଡ୍ରେସ୍ ଫିଙ୍ଗିଦେଇଥିଲେ। ପରେ ସୁମନ ନେଇଥିବା ଟଙ୍କା ଫେରସ୍ତ କରି ନ ଥିବା ନେଇ ସ୍ମୃତିରେଖା ଗୋପାଳପୁର ଥାନାରେ ଗତ ୨୭ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୪୮/୨୨ରେ ମାମଲା ରୁଜୁ କରିଥିଲା। ଗତ ୨୮ ତାରିଖ ରାତିରେ ଏକ ଘରୋଇ ଗାଡିରେ ଗୋପାଳପୁର ପୋଲିସ ରାଇକିଆ ଆସି ସୁମନ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା କୁମାରୀ ଚନ୍ଦନଙ୍କୁ ଘରୁ ଉଠାଇ ନେଇଥିଲା। ତା' ପରଦିନ ସକାଳ ପ୍ରାୟ ୯ଟା ପରେ ଥାନାଧିକାରୀ ପହଞ୍ଚି ନିଜର ଦାଦାଗିରି ଆରମ୍ଭ କରିଥିଲେ। ଟଙ୍କା କାହିଁ ଦେଉନୁ। ଆଜି ଟଙ୍କା ଦେ କହି ସୁମନଙ୍କୁ ନିସ୍ତୁକ ପିଟିଥିଲେ। ଟଙ୍କା ଫେରାଇ ଥିବାର ସମସ୍ତ ପ୍ରମାଣପତ୍ର ଅଛି ବୋଲି ସୁମନ କହିଥିଲେ ମଧ୍ୟ ଥାନାଧିକାରୀ ତାଙ୍କ କଥା ଶୁଣି ନ ଥିଲେ। ଘର ଲୋକେ ଥାନାରେ ପହଞ୍ଚିଥିଲେ ବି ସେମାନଙ୍କୁ ଦେଖା କରିବାର ସୁଯୋଗ ଦେଇ ନ ଥିଲେ। ୨୯ ତାରିଖରେ ଟଙ୍କା ଫେରାଇବାକୁ କହି ଛାଡିଥିଲେ। ପରିବାର ଲୋକେ ସୁମନଙ୍କୁ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା କରାଇ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏ ନେଇ ଶୁକ୍ରବାର ସୁମନ ଏବଂ ତାଙ୍କ ସ୍ତ୍ରୀ ଫୁଲବାଣୀ ପ୍ରେସ୍ କ୍ଲବରେ ଏକ ଖବରଦାତା ସମ୍ମିଳନୀ କରି ନ୍ୟାୟ ଭିକ୍ଷା କରିଛନ୍ତି। ସେପଟେ ସୁମନଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଗୋପାଳପୁର ଥାନାଧିକାରୀ ଖମାରୀ ଏବଂ ସ୍ମୃତିରେଖା ସାହୁଙ୍କ ନାମରେ ନଂ.୧୨୨/୨୨ରେ ମାମଲା ରୁଜୁ ହୋଇଥିବା ନେଇ ରାଇକିଆ ଥାନାଧିକାରୀ ରମାକାନ୍ତ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଗୋପାଳପୁର ଥାନାଧିକାରୀ ଖମାରୀ ପୂର୍ବରୁ ରାଇକିଆ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତେବେ ସ୍ମୃତିରେଖା ରାଇକିଆ ଥାନାରେ ଅଭିଯୋଗ ନ କରି କିଭଳି ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣା ପରେ ମେରାଇନ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସଙ୍କୁ ଗୋପାଳପୁର ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି।

# ବିଦ୍ୟାଳୟ ନୂତନ ବିଲ୍ଡିଂ ନିର୍ମାଣରେ ଦୁର୍ନୀତି ଅଭିଯୋଗ

ଆର.ଉଦୟଗିରି,୨।୧୨(ଡି.ଏନ.ଏ.)



କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ବିଲ୍ଡିଂ ନିର୍ମାଣ କାମ ସମ୍ପର୍କରେ ଆଲୋଚନା କରୁଛନ୍ତି ଜିଲାପାଳ।

ପ୍ରାଥମିକ ସ୍ତରରୁ ପିଲାଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କରିବା ସହ ନୂତନ କୋଠା ନିର୍ମାଣ ପାଇଁ ଅନେକ ଯୋଜନାରେ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଅନେକ ସ୍ଥାନରେ ନିମ୍ନମାନର କାମ ହେଉଥିବା ନଜର୍ ରହିଛି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଆର.ଉଦିଗିରି ବ୍ଲକ ରାମଗିରି କେନ୍ଦ୍ରୀୟ ବିଦ୍ୟାଳୟରେ। ୧୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ନୂତନ ବିଲ୍ଡିଂ କାମ ଚାଲୁ ରହିଛି। କିନ୍ତୁ ଫଳକ ମଧ୍ୟ ଲାଗିଥିଲା ଭଙ୍ଗା ହୋଇଯାଇଛି। ଫାଉଣ୍ଡେଶନ କାମ ଆରମ୍ଭରୁ ହିଁ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। କମ୍ ଗଭୀରତାରେ ଫାଉଣ୍ଡେଶନ ଖୋଳିବା ସହ କେବଳ ପଥର ପକାଇ ଭୂମି ଲେଭୁଲ୍‌ରେ ନିମ୍ନମାନର ବାଲି ସିମେଣ୍ଟ ମସଲାରେ କାମ ହେଉଥିବା ଅଭିଯୋଗ କରି କାର୍ଯ୍ୟକୁ ବନ୍ଦ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲା ପରିଷଦ ଦଣ୍ଡପାଣି ବଡ଼ମୁଣ୍ଡି, ରାମଗିରି ସରପଞ୍ଚ ସସ୍ମିତା କାର୍ଜୀ, ସ୍ଥାନୀୟ ବାସିନ୍ଦା ସତ୍ୟନାରାୟଣ ଓ ଅଞ୍ଚଳ ବାସୀ ଦାବି କରିଛନ୍ତି। ଏ ନେଇ ରାମଗିରି ଗ୍ରାମବାସୀଙ୍କ ଅଭିଯୋଗ ପରେ ଜିଲାପାଳ ସୋମବାର ବିଦ୍ୟାଳୟ ଯାଇ କାମ କରୁଥିବା ଠିକାଦାରଙ୍କୁ ତାଗିଦ୍ କରିବା ସହ ଖରାପ କାମ ଭାଙ୍ଗି ଭଲ ରୂପେ କାମ କରିବାକୁ କହିଥିଲେ। ଜିଲାପାଳଙ୍କ ତାଗିଦ୍ ପରେ ଠିକାଦାର ୫ ଦିନପରେ ମଧ୍ୟ ଖରାପ କାମଗୁଡିକୁ ଭାଙ୍ଗିବା ଦେଖିବାକୁ ମିଳୁନି। ରାମଗିରି ଅଞ୍ଚଳରୁ ଶୁଣିବାକୁ ମିଳୁଛି ଯେ ଅଭିଯୋଗକାରୀମାନଙ୍କୁ କିଛି ଟଙ୍କା ଦେଇ ପାଟି ବନ୍ଦ କରିଦେଇଛନ୍ତି।

## ଗଞ୍ଜାମ ବ୍ଲକସ୍ତରୀୟ ବିଜ୍ଞାନ ମେଳା

ଗଞ୍ଜାମ,୨।୧୨(ଡି.ଏନ.ଏ.)

ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ କନଫରେନ୍ସ ହଲଠାରେ ଶୁକ୍ରବାର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ହାଇସ୍କୁଲ ପ୍ରଧାନ ଶିକ୍ଷକ ଏସ ରାଜଲକ୍ଷ୍ମୀ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଚାରକ ଭାବେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ନରୋତ୍ତମଃ ମାନା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲୋକନାଥ ମିଶ୍ର ଯୋଗ ଦେଇଥିଲେ। ହୁମା ସିଆର୍‌ସିସି ଦାମୋଦର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବ୍ଲକର ୫୦ ଉଚ୍ଚପ୍ରାଥମିକ ଓ ୫ ମହାବିଦ୍ୟାଳୟର ପ୍ରାୟ ୮୪ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ୪ ପ୍ରକଳ୍ପ ଜିଲା ସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଥିଲା। ଖଣ୍ଡଦେଉଳି ହାଇସ୍କୁଲ ଛାତ୍ରୀ ପ୍ରଜ୍ଞା ପରିମିତା ଦାସ ପ୍ରଥମ ହୋଇଥିବା ବେଳେ ରମ୍ଭା ହାଇସ୍କୁଲ ସ୍ମିତା ରାଣୀ ପଣ୍ଡା ଦ୍ୱିତୀୟ, ଆଦର୍ଶ ବିଦ୍ୟାଳୟର ଅଭିଲିପସା ପତି ତୃତୀୟ ଏବଂ ହୁମା ବୀରଭଦ୍ର ହାଇସ୍କୁଲ ଉଦିତ ବିଶ୍ୱାଳ ବିବେଚିତ ହୋଇଛନ୍ତି। ଶିକ୍ଷକ ଲକ୍ଷ୍ମଣ ନାହାକ, ମହେଶ ବେହେରା, ଦୁର୍ଗା ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ସ୍ଥାୟୀ ଆଶ୍ରୟ ସ୍ଥଳୀ ନିର୍ମାଣ ଦାବି

### ଏଡିଏମ୍‌ଙ୍କୁ ଭେଟିଲା ବ୍ରହ୍ମପୁର ଖବରକାଗଜ ବିତରକ ସଂଘ

ଛତ୍ରପୁର,୨।୧୨(ଡି.ଏନ.ଏ.)



ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁରଠାରେ ଖବର କାଗଜ ବିତରକମାନଙ୍କ ସୁବିଧା ନିମନ୍ତେ ଏକ ସ୍ଥାୟୀ ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ସ୍ମାରକପତ୍ର ଶୁକ୍ରବାର ଅତିରିକ୍ତ ଜିଲାପାଳ (ସାଧାରଣ )ଲିନା କୁମାରୀ ଖେସଙ୍କୁ ଭେଟି ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ବ୍ରହ୍ମପୁରର ଅନ୍ୟୂନ ୩୦୦ ଖବର କାଗଜ ବିକ୍ରେତା ବ୍ରହ୍ମପୁର ଟାଟାବେଞ୍ଜି ଛକ ନିକଟସ୍ଥ ଗିରିରୋଡ଼ ରାସ୍ତା କଡ଼ରେ ଅସୁରକ୍ଷିତ ଭାବେ ସମସ୍ତ ଛାପା ଗଣ ମାଧ୍ୟମ ସଂସ୍ଥାର ନ୍ୟୁଜ ପେପର ସଂଗ୍ରହ କରିବା ସହ ତାକୁ ବିଡା ବାନ୍ଧି ନିଜ ନିଜ ସାଇକେଲ ଓ ବାଇକ୍‌ରେ ଲୋଡ଼ କରି ସହର ବୁଲି ବିତରଣ କରୁଛନ୍ତି। ଯାହା ଦ୍ୱାରା ସେମାନେ ବହୁ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେବାକୁ ପଡୁଥିବା ଏହି ସ୍ମାରକ ପତ୍ରରେ ଦର୍ଶାଇଛନ୍ତି। ସେହିପରି ବର୍ଷା ଓ ଖରା ଦିନେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କ ପାଇଁ ଏକ ସ୍ଥାୟୀ ଆଶ୍ରୟ ସ୍ଥଳୀର ବ୍ୟବସ୍ଥା କରିବା ପାଇଁ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ବ୍ରହ୍ମପୁର ଖବର କାଗଜ ବିତରକ ସଂଘର ସଭାପତି ହରି କୃଷ୍ଣ ପାଢ଼ୀ ଓ ସମ୍ପାଦକ ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା

ଦାରିଙ୍ଗବାଡି/ଜି.ଉଦୟଗିରି, ୨।୧୧(ଡି.ଏନ.ଏ)

ଦାରିଙ୍ଗବାଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସରଗି ଫୁଲ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରିକା ମଲିକ ଯୋଗ ଦେଇଥିଲେ। ଉକ୍ତ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ୨୧୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ଛାତ୍ରୀଛାତ୍ରଙ୍କୁ ଜିଲା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚୟନ କରାଯାଇଛି। ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗଅଧୀନରେ ରହିଥିବା ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକ ସ୍ତରୀୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଗଦାଧର ପାତ୍ର, ବିଇଓ ରସାନନ୍ଦ କର, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁ ପଡ୍ରା ମାଝୀ, ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ସାହିତ୍ୟିକ ପତିତପାବନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଜି.ଉଦୟଗିରି ନିକଟ କଳିଙ୍ଗା ଆଶ୍ରମ ବିଦ୍ୟାଳୟରେ ବ୍ଲକସ୍ତରୀୟ ସରଗିଫୁଲ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଆଶ୍ରମ ବିଦ୍ୟାଳୟର ପ୍ରାୟ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ମେଡ଼ିକାଲ ଅଫିସର ରତିକାନ୍ତ ସାହୁ, ଆଇଆଇସି ଅଜୟ କୁମାର ସ୍ୱାଇଁ, ଆଶ୍ରମ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଭୋଇ ଉପସ୍ଥିତ ଥିଲେ। ଡିଏଭି ସିଟି ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ତ୍ରିଲୋଚନ ପଣ୍ଡା ଓ ପ୍ରଶିକ୍ଷକ ସୁଧୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଶିଷ ୨୦୨୩ ପାଇଁ ସ୍ୱଚ୍ଛ ଆମ୍ବାସାଡ଼ାର

## ଭଞ୍ଜନଗର ଏନ୍ଏସି ପୂର୍ବାଞ୍ଚଳ ଜୋନରେ ଦ୍ୱିତୀୟ

ଭଞ୍ଜନଗର,୨।୧୨(ଡି.ଏନ.ଏ)




ଆଶିଷଙ୍କୁ ସ୍ୱଚ୍ଛ ଆମ୍ବାସାଡ଼ାର ଭାବେ ନିଯୁକ୍ତି ଦିଆଯାଉଛି।

ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦିଙ୍କୁ ପୁରସ୍କୃତ କରାଯାଉଛି। ଏଥିସହ ସହରଗୁଡ଼ିକରେ ୧୭ଟି ବିଭାଗରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ମିଳୁଛି। ଯୋଜନା ଆରମ୍ଭ ହେବାର ୮ବର୍ଷ ପରେ ଭଞ୍ଜନଗର ଏନ୍ଏସି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୨ରେ ପୂର୍ବାଞ୍ଚଳ ଜୋନରେ ୧୦୧ଟି ସହର ମଧ୍ୟରେ ଦ୍ୱିତୀୟ ଶ୍ରେଷ୍ଠ ଏନଏସି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏନ୍ଏସିକୁ ଏହି ପୁରସ୍କାର କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ରାଜ୍ୟସ୍ତରରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମିଳିବ। ଗତ ୨୧ ତାରିଖରେ ଏ ସମ୍ପର୍କିତ ଏକ ଚିଠି ଏନ୍ଏସିକୁ ଆସିଛି। ଅନ୍ୟପକ୍ଷରେ ପ୍ରତିବର୍ଷ ଜଣେ କଳାକାରଙ୍କୁ ସହରରେ ସ୍ୱଚ୍ଛ ଆମ୍ବାସାଡ଼ାର ଭାବେ ନିଯୁକ୍ତି ଦେବା ଲାଗି ସ୍ୱଚ୍ଛ ଭାରତ ଯୋଜନାରେ ବ୍ୟବସ୍ଥା ରହିଛି। ଗୁରୁବାର ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଆଶିଷ କୁମାରଙ୍କୁ ୨୦୨୩ ପାଇଁ ଭଞ୍ଜନଗର ଏନଏସିର ସ୍ୱଚ୍ଛ ଆମ୍ବାସାଡ଼ାର ଭାବେ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ଦେଶରେ ୪ଟି ଜୋନରେ ୪,୩୫୪ଟି ସହର ଥିବା ବେଳେ ପୂର୍ବାଞ୍ଚଳ ଜୋନ୍‌ରେ ୧୫ ହଜାରରୁ ୨୫ ହଜାର ମଧ୍ୟରେ ଲୋକ ବସବାସ କରୁଥିବା ୧୦୧ଟି ସହର ଅଛି। ଉକ୍ତ ୧୦୧ଟି ସହର ମଧ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଭଞ୍ଜନଗର ଏନଏସି ଦ୍ୱିତୀୟ ହୋଇଛି। ପୂର୍ବରୁ ବେଲଗୁଣ୍ଠା ଏନ୍ଏସି ୨୦୨୨ ପାଇଁ ପୂର୍ବାଞ୍ଚଳ ଜୋନରେ ୧୫ ହଜାରରୁ କମ୍ ଜନସାଧାରଣ ବିଶିଷ୍ଟ ସହରରେ ଶ୍ରେଷ୍ଠ ସିଟିଜେନ୍ ଫିଡ୍‌ବ୍ୟାକ ପୁରସ୍କାର ପାଇଥିଲା। ବର୍ତ୍ତମାନ ଭଞ୍ଜନଗର ଏନ୍ଏସିକୁ ସଫଳତା ମିଳିଥିବାରୁ ୨୦୨୩ରେ ଯେଭଳି ଆହୁରି ଅଧିକ ପୁରସ୍କାର ମିଳିବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମକ୍ରମେ ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲର ଏଥିଲାଗି ପ୍ରଚେଷ୍ଟା ଚଳାଇଛନ୍ତି। କାଉନସିଲରମାନେ ଦୈନନ୍ଦିନ ନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ବିଭିନ୍ନ ୱାର୍ଡ଼ବୁଲି ଲୋକଙ୍କ ସହ ସମସ୍ୟା ନେଇ ଆଲୋଚନା କରୁଛନ୍ତି। ଏହାପରେ ତାର ସମାଧାନ ପାଇଁ ଉଦ୍ୟମ ହେଉଛି। ସହର କିଭଳି ଅଧିକ ସୁନ୍ଦର ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଭଞ୍ଜନଗର ଏନ୍ଏସିକୁ ୧୯୯୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ଏନଏସି ପୁରସ୍କାର ମିଳିଥିଲା। ଏନ୍ଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବକର କହିଛନ୍ତି, ପୁରସ୍କାର ପାଇବା ପାଇଁ ଭଞ୍ଜନଗର ସହର ଚୟନ ହେବା ଅଞ୍ଚଳବାସୀଙ୍କ ପାଇଁ ଗର୍ବର ବିଷୟ। ଆଗାମୀ ଦିନରେ ସହରବାସୀଙ୍କୁ ଆହୁରି ଅଧିକ ଉନ୍ନତ ସେବା କିଭଳି ପ୍ରଦାନ କରାଯିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ ଭାଜପା ଘୁମୁସର ସାଙ୍ଗଠନିକ ଜିଲା ଉପ ସଭାପତି ସନ୍ତୋଷ ଗିଆଡ଼ି କହିଛନ୍ତି, ପୁରସ୍କାର ମିଳିବା ଭଲକଥା। ଆଗକୁ ସହରବାସୀ କିଭଳି ଉନ୍ନତ ସେବା ପାଇବେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ପିସିସି ସଭ୍ୟ ଦେବୀ ବିଷୋୟୀ କଟାକ୍ଷ କରିଛନ୍ତି ଯେ ଗତ ପୌର ନିର୍ବାଚନରେ ଭାଜପା-ବିଜେଡ଼ି ଭାଇ ଭାଇ ଭଳି ଲଢ଼େଇ କଲେ। ପୁରସ୍କାର ମିଳିବା ବଡ଼କଥା ନହେଁ।

# ତାରକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ



ଅତିଥି ଓ ଖେଳାଳିମାନେ।

ପାରଳାଖେମୁଣ୍ଡି,୨।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥାନୀୟ ଏସ୍କେସିଜି ମହାବିଦ୍ୟାଳୟ ଖେଳ ପଡିଆଠାରେ ତାରକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡିର ଯୁବନେତା ଇଂ. ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ପାରଳା ପୌରପରିଷଦର ଉପାଧ୍ୟକ୍ଷ ଲେଙ୍କା ମଧୁ, ବରିଷ୍ଠ କ୍ରୀଡାବିତ୍ ଦେବାଶିଷ ପାଢୀ, ବିଜେଡିର ବରିଷ୍ଠ ନେତା ବସନ୍ତ ଦାସ, ଜି.ବିଜୟ କୁମାର, ୧୨ନମ୍ବର ୱାର୍ଡର କାଉନସିଲର ପି.ଉମା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚର ଉଭୟ ଦଳର ଖେଳାଳୀମାନଙ୍କ ସହ ଅତିଥିମାନେ ପରିଚିତ ହେବା ପରେ କ୍ରିକେଟ ମ୍ୟାଚର ଶୁଭାରମ୍ଭ ହୋଇଥିଲା। ଆଜି ପ୍ରଥମ ଦିନରେ କେରାଣ୍ଡି ପଞ୍ଚାୟତର ଡିଏସ୍କେ ଟିମ ବନାମ ରାଣୀପେଣ୍ଠ ଗ୍ରାମର ବ୍ଲାକଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେରାଣ୍ଡିର ଡିଏସ୍କେ ବିଜୟୀ ହୋଇଥିଲା। ଏହି କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଏଥିରେ ପାରଳା ସହର ସମେତ ଜିଲାର ବହୁ ଗ୍ରାମାଞ୍ଚଳ ଗୁଡିକର କ୍ରିକେଟ ଦଳ ଗୁଡିକ ଭାଗ ନେଇଥିବାର ଜଣାପଡିଛି। ଟୁର୍ନାମେଣ୍ଟକୁ ପି.ଶ୍ୟାମ କୁମାର, ମହେଶ ବାସା, ଭି.ମଧୁସୁଦନ, ଏ.ରମେଶ, ଏ. ଉଦୟ କୁମାର, ଜୟରାମ, ବିଜୟ, ରାମୁ ପ୍ରମୁଖ ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ଧର୍ମଶାଳା ମହୋତ୍ସବ, ଲକ୍ଷ୍ମୀନାରାୟଣ ପୂଜା ପ୍ରସ୍ତୁତି

ଧର୍ମଶାଳା, ୨।୧୨ (ଡି.ଏନ.ଏ.) ଧର୍ମଶାଳା ମହୋତ୍ସବ ପୂଜା କମିଟି ଆନୁକୂଲ୍ୟରେ ଲକ୍ଷ୍ମୀନାରାୟଣ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ପୂଜା କମିଟି କାର୍ଯ୍ୟାଳୟରେ ସଭାପତି ଜଳଧର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖ ଧନୁସଂକ୍ରାନ୍ତିଠାରୁ ଲକ୍ଷ୍ମୀନାରାୟଣ ପୂଜା ଓ ୨୫ ତାରିଖରୁ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନ କରାଯିବାକୁ ସ୍ଥିର କରାଯାଇଛି। ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ମହୋତ୍ସବ ଉଦ୍‌ଘାଟନଠାରୁ ଉଦ୍‌ଯାପନ ପର୍ଯ୍ୟନ୍ତ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କମିଟି ଉପସଭାପତି ଇନ୍ଦ୍ରମଣି ନାୟକ, ସହସମ୍ପାଦକ ଆନନ୍ଦ ନାୟକ, କୋଷାଧକ୍ଷ ସୁଦୀପ୍ତ ସ୍ୱାଇଁ, ରାଜକୁମାର ଶତପଥୀ, କିଶୋର ନାୟକ, ଅଜୟ ନାୟକ, ଜଳଧର ସାହୁ, ବିଚିତ୍ର ସ୍ୱାଇଁ, କ୍ଷୀରୋଦ ମୁଦୁଲି, ରାମଚନ୍ଦ୍ର ମଲିକ, ଅନିରୁଦ୍ଧ ରାଉତ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, କାଶୀନାଥ ସାହୁ, ମଦନ ନାୟକ, ସବ୍ୟସାଚୀ ବେହେରା ଓ ଧରଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କମିଟି ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

### ସୁଦର୍ଶନ ଆଚାର୍ଯ୍ୟ, ଝରଣା ଦାସଙ୍କ ବିୟୋଗରେ ଶୋକ

ଧର୍ମଶାଳା,୨।୧୨(ଡି.ଏନ.ଏ.): ଓଡ଼ିଆ ଭାଷା, ସାହିତ୍ୟର ଗବେଷକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତ୍ରୀ ଝରଣା ଦାସ ଓ ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ଆଚାର୍ଯ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ପୁରସ୍କାର ଅତିବଡ଼ି ଜଗନ୍ନାଥ ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ସହ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡ଼ିଆ କାବ୍ୟ କୌଶଳ, ଓଡ଼ିଆ ଅସ୍ମିତା ସନ୍ଧାନ ଆଦି ୨୦ଟି ସମ୍ପାଦିତ ପୁସ୍ତକ ପ୍ରକାଶ ପାଇଛି। ସେହିପରି ବର୍ଷୀୟାନ କଳାକାର ଝରଣା ଦାସଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସ୍ତବ୍ଧ ହୋଇପଡ଼ିଛି। ସେହିପରି ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ଲିଖିତ ମନବୀଣା ପୁସ୍ତକ ସମସ୍ତଙ୍କ ଆଦର ଲାଭ କରିଥିଲା। ତାଙ୍କ ସମ୍ପାଦନାରେ ଅମୃତାୟନ ପରି ଏକ ପତ୍ରିକା ୫୦ ବର୍ଷ ଧରି ଚାଲିଆସିଛି। ଏମାନଙ୍କ ବିୟୋଗରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଶୁଭ ସକାଳର ଉପସଭାପତି ମିନତି ସାହୁ, ପୂର୍ବତନ ଏମ୍‌ପି ରୀତା ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଧାନ ସଂଗ୍ରହରେ ଅନିୟମିତତା

- ସାଟେଲାଇଟ ସର୍ଭେରେ ପର୍ଦ୍ଦାଫାଶ
- ଯାଜପୁର ଜିଲାରେ ଖାଦ୍ୟ ସଙ୍କଟ

ଯାଜପୁର ଅଫିସ,୨।୧୨

ମିଲର୍ସଙ୍କ ଅସହଯୋଗ ସହ ବର୍ଷାରେ ଅନିୟମିତତା, ବନ୍ୟା, ବାତ୍ୟା ଏବଂ ଜଳସେଚନର ଅଭାବ ଯୋଗୁ ଯାଜପୁର ଜିଲାରେ ଖାଦ୍ୟ ସଙ୍କଟ ଦେଖାଦେଇଛି। ସମୁଦାୟ ୧,୪୫,୪୫୦ ହେକ୍ଟର ଚାଷ ଜମି ମଧ୍ୟରୁ ଖରିଫରେ ୪୨ ପ୍ରତିଶତ ଓ ରବି ଋତୁରେ ମାତ୍ର ୨୩ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଥିବା କୁହାଯାଉଛି । କିନ୍ତୁ ବାସ୍ତବରେ ଏହାର ଅଧା ଜମିରେ ଜଳସେଚନ ହେଉ ନ ଥିବାରୁ ଜିଲାବାସୀଙ୍କ ଖାଦ୍ୟ ଚାହିଦା ପୂରଣ ହୋଇପାରୁନାହିଁ। ଏହାସହ ଜାଲ୍ ଜମି ଦେଖାଇ ଧାନ ସଂଗ୍ରହରେ ଅନିୟମିତତା ସ୍ଥିତିକୁ ଅଧିକ ବିଗାଡୁଛି।

ରାଜ୍ୟ ସରକାରଙ୍କ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଚାଷୀ ଆଉ ଚାଷ କରିବାକୁ ଆଗଭଳି ଆଗ୍ରହ ଦେଖାଉ ନାହାନ୍ତି। ନଦୀନାଳ ଭରା ଜିଲାରେ ଜଳସେଚନର ପ୍ରାଚୁର୍ଯ୍ୟ ରହିଥିଲେ ହେଁ ଜଳ ସମ୍ପଦ ବିଭାଗର ଆନ୍ତରିକତାର ଅଭାବ ଏବଂ ସ୍ଥାନୀୟ ରାଜନେତାଙ୍କ ଅନାଗ୍ରହ ଯୋଗୁ ଚାହିଦା ମୁତାବକ ଖାଦ୍ୟ ଉତ୍ପାଦନ ହୋଇପାରୁନାହିଁ। ଏହିକ୍ରମରେ ବିପିଏଲ୍, ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦୟ, ମଧ୍ୟାହ୍ନଭୋଜନ ଆଦିହିତାଧିକାରୀଙ୍କ ପାଇଁ ବାର୍ଷିକ ଆବଶ୍ୟକ ୧୦ ଲକ୍ଷ କୁଇଣ୍ଟାଲ ମଧ୍ୟରୁ ଅବଶିଷ୍ଟ ୫ ଲକ୍ଷ କୁଇଣ୍ଟାଲ ଚାଉଳ ବାହାର ଜିଲାରୁ ଆମଦାନୀ କରିବାକୁ ପଡୁଛି।

୨୦୨୨-୨୩ ଖରିଫ ଋତୁରେ ସାଟେଲାଇଟ୍ ମାଧ୍ୟମରେ ହୋଇଥିବା ଫିଲ୍ଡ ଭେରିଫିକେଶନ ଇମ୍ପାକ୍ଟ ରିପୋର୍ଟ ଅନୁସାରେ ଯାଜପୁର ଜିଲାରେ ପ୍ରାୟ ୧ ଲକ୍ଷ ୮ ହଜାର ହେକ୍ଟର ଧାନ ଚାଷ ଜମିରୁ ୧୦,୧୫୮ ଏକର ହ୍ରାସ ପାଇଛି। ଅର୍ଥାତ୍ ଏହି ପରିମାଣ ଚାଷ ଜମିକୁ ନକଲି ଚାଷୀଙ୍କ ନାମରେ ଦର୍ଶାଇ ଧାନ କିଣା ବାବଦରେ ବିପୁଳ ଅର୍ଥ ବାଟମାରଣ ହୋଇଆସୁଛି। ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ଏଥିପାଇଁ ୧୮,୧୦୦ ମେଟ୍ରିକ ଟନ ଧାନର ମୂଲ୍ୟ ୩୬.୯୨ କୋଟି ଟଙ୍କା ବାଟମାରଣାରୁ ରକ୍ଷା ପାଇଛି। ଧାନକିଣାରେ ପୂର୍ବରୁ ଏଭଳି ଭାବେ ନକଲି ଚାଷୀ ଦର୍ଶାଇ ସରକାରଙ୍କ ବିପୁଳ ଅର୍ଥ ଲୁଟ ହେଉଥିବାରୁ ଖାଦ୍ୟ ସଙ୍କଟ ଅଣାୟତ୍ତ ହେବାରେ ଲାଗିଛି। ୨୦୧୮-୧୯ ବର୍ଷରେ ୩୮,୫୮୯ ଚାଷୀଙ୍କ ଠାରୁ ୧୧,୬୦,୦୮୧.୨୩ କୁଇଣ୍ଟାଲ, ୨୦୧୯-୨୦ରେ ୨୫,୬୭୬ ଚାଷୀଙ୍କଠାରୁ ୧୨,୬୦,୦୧୮.୨୭ କୁଇଣ୍ଟାଲ, ୨୦୨୦-୨୧ରେ ୩୪,୧୪୯ ଚାଷୀଙ୍କଠାରୁ ୧୫,୧୪,୭୩୨ କୁଇଣ୍ଟାଲ ଏବଂ ୨୦୨୧-୨୨ ୩୯,୩୮୮ ଚାଷୀଙ୍କଠାରୁ ୧୫,୪୫,୧୩୯ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଅର୍ଥାତ୍ ଗତ ୧ ବର୍ଷ ମଧ୍ୟରେ ୫,୨୩୯ ଜଣ ଚାଷୀ ସଂଖ୍ୟା ବୃଦ୍ଧି ହୋଇଥିବାବେଳେ ସେମାନଙ୍କଠାରୁ ୩୦,୪୦୭ କୁଇଣ୍ଟାଲ ଧାନ ଅଧିକ ସଂଗ୍ରହ କରାଯାଇଛି। ଗୋଟିଏ ପରିବାରରେ ଜମି ପରିମାଣ ଯେତେ ନାହିଁ, ତା'ଠାରୁ ଢେର ଗୁଣ ଅଧିକ ନକଲି ଚାଷୀଙ୍କଠାରୁ ଧାନ କିଣାଯାଉଛି। ଅତୀତରେ ମାର୍କଣ୍ଡପୁର, ବଡଚଣା ଆଦି ପାକ୍ସରେ ଏଭଳି ଅନିୟମିତତାର ତଦନ୍ତ ନିର୍ଦ୍ଦେଶ ହୋଇଛି। ଜିଲାରେ ୨୦୨୨-୨୩ ଖରିଫ ଧାନ ସଂଗ୍ରହ ଜାନୁୟାରୀ ୪ରୁ ଆରମ୍ଭ ହେବ। ଏଥିରେ ୧୨୦ ଟି ପାକ୍ସ ଏବଂ ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେବେ। ୫୩,୮୪୯ ଜଣ ଚାଷୀଙ୍କଠାରୁ ୮,୬୫,୦୦୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୨୩।୧୧।୨୦୨୨ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଅର୍ଥାତ୍ ଚଳିତ ଧାନ ସଂଗ୍ରହ ବର୍ଷରେ ୨୦୨୧-୨୨ ବର୍ଷଠାରୁ ୧୪,୪୬୧ ଜଣ ଚାଷୀ ବୃଦ୍ଧି ପାଇଛନ୍ତି। ଏତେ ସଂଖ୍ୟକ ଚାଷୀ କୁଆଡୁ ଆସିଲେ ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି। ପ୍ରତିବର୍ଷ ହେଉଥିବା ଧାନସଂଗ୍ରହ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତାର ଉପଯୁକ୍ତ ତଦନ୍ତ କରାଗଲେ ସମ୍ପୃକ୍ତ ବହୁ ଅଧିକାରୀ ଓ କର୍ମଚାରୀଙ୍କ ହରିଲୁଟ ଧରାପଡ଼ିବ ବୋଲି ଦାବି ହୋଇଛି। ବର୍ତ୍ତମାନ ଜିଲାରେ ୪,୧୭,୨୭୪ ପରିବାର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି। ଏମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଚାଉଳ ଜିଲାରେ ନିଅଣ୍ଟ ହେଉଛି। ତେଣୁ ବାହାର ଜିଲାର ଚାଉଳ ଆମଦାନି କରିବାକୁ ଜିଲା ପ୍ରଶାସନ ବାଧ ହେଉଛି। ଏଥିପାଇଁ ପରିବହନ ଖର୍ଚ୍ଚ ବାବଦକୁ ରାଜକୋଷରୁ ବାର୍ଷିକ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି । ଏ ସଂକ୍ରାନ୍ତରେ ଯାଜପୁର ସିଆରସିଏସ୍ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ବର୍ତ୍ତମାନ ଚାଷୀ ଚାହିଁଲେ ଉତ୍ପାଦିତ ସମସ୍ତ ଧାନ ବିକ୍ରୟ କରିପାରିବେ। ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଓ ଅଣ ଜଳସେଚିତ ଜମିରୁ ଏକର ପିଛା ୧୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଉଛି। ତେବେ ଧାନ ସଂଗ୍ରହରେ ସେଭଳି ଅନିୟମିତତା ହେଉ ନାହିଁ ବୋଲି ସେ କହିଛନ୍ତି।

## ଥାନା ପରିସରରେ ପ୍ରେମୀ ଯୁଗଳଙ୍କ ବିବାହ

ରସୁଲପୁର,୨।୧୨(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ଜାବରା ପଞ୍ଚାୟତର ଯୁବକ ସାଗର ମଲିକ(୨୭) ଓ କଲଣ ପଞ୍ଚାୟତର ଯୁବତୀ ସୁଷମା ମଲିକ ପ୍ରେମୀ ଯୁଗଳଙ୍କ ଶୁକ୍ରବାର କୁଆଖିଆ ଥାନା ପରିସରରେ ବିବାହ ସମ୍ପନ୍ନ ହୋଇଛି। ଦୀର୍ଘଦିନ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ କିଛିଦିନ ତଳୁ ଉଭୟଙ୍କ ପ୍ରେମରେ ଭଟ୍ଟା ଦେଖାଦେଇଥିଲା। ବିବାହକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ଯୁବତୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ପୋଲିସ ପ୍ରେମୀ ଯୁଗଳ ଓ ସେମାନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲା। ଉଭୟ ପକ୍ଷଙ୍କୁ ଥାନାରେ ଡକାଯାଇ ବୟାନ ରେକର୍ଡ କରାଯାଇଥିଲା। ପୋଲିସର ଜେରା ପରେ ଉଭୟ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା। ଯୁବତୀଯୁବକଙ୍କ ମଧ୍ୟରେ ବିବାହ ସମ୍ପନ୍ନ ନେଇ ନିଷ୍ପତ୍ତି ହୋଇଥିଲା। ଉକ୍ତ ନିଷ୍ପତ୍ତି ମୁତାବକ ଉଭୟ ପରିବାର ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଥିଲା।

ଯୁବକ ସାଗରଙ୍କ ସହ ଦୂର ସମ୍ପର୍କୀୟ ସୁଷମାଙ୍କ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ଉଭୟ ଦୀର୍ଘଦିନ ହେବ ଲିଭ ଇନ୍ ରିଲେସନଶିପ୍‌ରେ ରହୁଥିଲେ। ଉଭୟ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ସମ୍ପର୍କକୁ ଯୁବକଙ୍କ ପରିବାର ସହଜରେ ଗ୍ରହଣ କରିପାରି ନ ଥିଲେ। ଯୁବକ ହୋଟେଲ ମ୍ୟାନେଜମେଣ୍ଟ ପଢ଼ି ରାଜ୍ୟ ବାହାରେ ଚାକିରି କରୁଛନ୍ତି। ତେବେ ଯୁବତୀ ଜଣକ ଶିକ୍ଷିତ ହୋଇଥାଇ


ପ୍ରେମୀ ଯୁଗଳ ସାଗର ଓ ସୁଷମା।

### ବିବାହକୁ ବିରୋଧ କରୁଥିଲେ ଯୁବକଙ୍କ ପରିବାର

ମଧ କୌଣସି ଚାକିରି କରୁ ନ ଥିବାରୁ ପୁଅ ପରିବାର ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଉକ୍ତ ଘଟଣାକୁ କେନ୍ଦ୍ରକରି ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଦୁଷ୍ମନ୍ତ ଦାସ ମାମଲାର ତଦନ୍ତ କରୁଥିଲେ। ସେ ଉଭୟ ପରିବାରକୁ ଡାକି ଏ ଦିଗରେ ବୁଝାଶୁଝା କରିବାରୁ ପୁଅ ଘର ଯୁବତୀଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଏଥିସହ ଉଭୟଙ୍କର ବିବାହ ନୋଟାରିରେ ହୋଇଛି। ତାର କାଗଜାତ୍ ଶନିବାର ଉଭୟ ପରିବାର ଲୋକଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତ ଅଧିକାରୀ ଦାସ ପ୍ରକାଶ କରିଛନ୍ତି।

## ୮ ଦଫା ଦାବିରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା


ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡି କର୍ମୀ ଧାରଣା ଦେଇଛନ୍ତି।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨।୧୨ (ଡି.ଏନ.ଏ./ସ୍ୱ.ପ୍ର.)

ବଡ଼ଚଣା ବ୍ଲକ୍ ଅଞ୍ଚଳର ଅଙ୍ଗନୱାଡି କର୍ମୀ ଶୁକ୍ରବାର ୮ଦଫା ଦାବି ନେଇ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବ୍ଲକ୍‌ର ୨ଟି ସ୍ଥାନରେ ଥିବା ବଡ଼ଚଣା -୧ ଓ ଗ୍ରାମୀଣ ବଡ଼ଚଣା-୨ ବାଲିଚନ୍ଦ୍ରପୁରଠାରେ ଥିବା କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଚାଲିଥିଲା। ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ତରଫରୁ ଆୟୋଜିତ ଆନ୍ଦୋଳନରେ ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସକୁ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଦରମା ପ୍ରଦାନ, ୨୦୧୮ରେ ଆନ୍ଦୋଳନ ସମୟରେ ବହିଷ୍କୃତ ୬ କର୍ମୀଙ୍କୁ ପୁନଃ ନିଯୁକ୍ତି, ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀ ମାନ୍ୟତା, ଅବସରକାଳୀନ ସହାୟତା ୫ ହଜାର, କର୍ତ୍ତବ୍ୟରତ ଅବସ୍ଥାରେ ମୃତ୍ୟୁହେଲେ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ପରିବାରର ଜଣକୁ ଚାକିରି ଓ ସୁପରଭାଇଜର ପଦବୀକୁ ୫୦ ପ୍ରତିଶତ ପଦୋନ୍ନତି ନ ରଖି ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ନେଇ ଆଦି ଦାବି ନେଇ ସେମାନେ ଧାରଣା ଦେଇଥିଲେ। ପରେ ସାଧାରଣ ସମ୍ପାଦିକା ଝୁଡୁପମା ଶତପଥୀଙ୍କ ନେତୃତ୍ୱରେ ବଡ଼ଚଣା ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ବେଳେ ବାଲିଚନ୍ଦ୍ରପୁର ଠାରେ ପ୍ରଣତି ଦାସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ୪ରେ ଜିଲାସ୍ତରୀୟ ଜାତୀୟ ଚିତ୍ରକଳା ପ୍ରତିଯୋଗିତା

ଯାଜପୁର ଟାଉନ,୨।୧୨(ଡି.ଏନ.ଏ.)

ସ୍କୁଲ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ତଥା ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ପ୍ରତି ବର୍ଷ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ତରଫରୁ ଜାତୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ବିଭାଗ ଜାତୀୟ ଚିତ୍ରକଳା ପ୍ରତିଯୋଗିତା-୨୦୨୨ ଆୟୋଜନ କରୁଛି। ଏହି ପ୍ରତିଯୋଗିତା ଆସନ୍ତା ୪ ତାରିଖ ରବିବାର ପୂର୍ବାହ୍ନ ୧୦ଟା୩୦ରେ ସ୍ଥାନୀୟ ଏନ.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ସକାଳ ୯ଟା୩୦ରେ ଆରମ୍ଭ ହେବ ଏବଂ ୫ଟି ବିଭିନ୍ନ ଗୋଷ୍ଠୀ ପାଇଁ ପ୍ରତିଯୋଗିତା ଅବଧି ୧୦ଟା୩୦ରୁ ୧୨.୩୦ ମିନିଟ ପର୍ଯ୍ୟନ୍ତ ରହିବ। ପ୍ରତିଯୋଗୀ ଡ୍ରଇଂ ସିଟ୍ ବ୍ୟତୀତ ଚିତ୍ରକଳା ପାଇଁ ସମସ୍ତ ଉପକରଣ ଆଣିବେ। ପ୍ରତିଯୋଗିତା ଶେଷରେ ପ୍ରତି ବିଭାଗର ୨କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିସହିତ ସେମାନଙ୍କ କୃତୀକୁ ରାଜ୍ୟସ୍ତରୀୟ ଚୟନ ପାଇଁ ପଠାଯିବ। ଏହି ପ୍ରତିଯୋଗିତାରେ ଅଧିକରୁ ଅଧିକ ପ୍ରତିଯୋଗୀ ଯେପରି ଅଂଶଗ୍ରହଣ କରିବେ ସେଥିପାଇଁ ଜିଲାର ସମସ୍ତ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକଙ୍କୁ ଅବଗତ କରାଇବାକୁ ଜିଲା ଶିକ୍ଷାଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

## ସରପଞ୍ଚଙ୍କ ସହାୟତା ଲୋଡ଼ିଲେ ଅଙ୍ଗନୱାଡି କର୍ମୀ


ଭୋଟକା ସରପଞ୍ଚଙ୍କୁ ଅଙ୍ଗନୱାଡି କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ରସୁଲପୁର,୨।୧୨(ଡି.ଏନ.ଏ.)

୮ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ଥିବା ୨୬୬ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ହେଲେ ସରକାରୀସ୍ତରରେ ସେମାନଙ୍କ ଆନ୍ଦୋଳନକୁ ଗୁରୁତ୍ୱ ଦିଆଯାଉନାହିଁ। ସରକାର ଉକ୍ତ କର୍ମୀଙ୍କ କାର୍ଯ୍ୟର ବିକଳ୍ପ ଖୋଜୁଛନ୍ତି। ଆନ୍ଦୋଳନରତ କର୍ମୀଙ୍କୁ ଭୟଭୀତ କରିବା ପାଇଁ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି କୁହାଯାଉଛି। ତେଣୁ ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଏବେ ସରପଞ୍ଚମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି। ସେମାନଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ସରକାରଙ୍କୁ ଅବଗତ କରାଇବା ପାଇଁ ସରପଞ୍ଚଙ୍କୁ ଅନୁରୋଧ କରୁଛନ୍ତି।

ଆନ୍ଦୋଳନ ଯୋଗୁ ଏହି ବ୍ଲକର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଛି। ଏ ସବୁ ସତ୍ତ୍ୱେ ସରକାର କର୍ମୀମାନଙ୍କ ଦାବିକୁ କର୍ଣ୍ଣପାତ

### ଦାବିପତ୍ର ଦେଇ ସମସ୍ୟା ଜଣାଇଲେ

କରୁନାହାନ୍ତି। ସରକାର ଶିକ୍ଷକଙ୍କ ଦାବିକୁ ନେଇ ଆଲୋଚନାକୁ ଓହ୍ଲାଇଛନ୍ତି। ହେଲେ ଅଙ୍ଗନୱାଡି କର୍ମୀଙ୍କ ସମସ୍ୟାକୁ ନେଇ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ସରକାରଙ୍କ ଏଭଳି କାର୍ଯ୍ୟକୁ ସମାଲୋଚନା କରାଯାଉଛି। ସରକାର କର୍ମୀଙ୍କ କାର୍ଯ୍ୟ ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କ ହାତକୁ ଟେକି ଦେବାକୁ ପ୍ରୟାସ କରୁଛନ୍ତି। ତେବେ କର୍ମୀଙ୍କ ଦାୟିତ୍ୱ ଅଣ୍ଡା ଛତୁଆ, ବଣ୍ଟନ, ୩ବର୍ଷରୁ କମ୍ ଛୁଆ, ଗର୍ଭବତୀ, ପ୍ରସୂତିଙ୍କ ଘରକୁ ରାଶନ ସାମଗ୍ରୀ ଆଦି ପ୍ରଦାନ ଓ ଏ ଦିଗରେ ରେଜିଷ୍ଟର ପରିଚାଳନା ଆଦି ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ଉପରେ ନ୍ୟସ୍ତ କରିବା ମସୁଧା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଙ୍ଗନୱାଡି କର୍ମୀମାନେ କହିଛନ୍ତି। ତଥାପି ସଂଘ ଆଶାବାଦୀ ରହିଛି ଯେ, ସରକାର ସେମାନଙ୍କ ଦାବି ଶୁଣିବେ। ତେଣୁ ପୂର୍ବଭଳି କର୍ମୀମାନେ ସେମାନଙ୍କ କାର୍ଯ୍ୟକୁ ଫେରି ଯିବେ ବୋଲି ପ୍ରକାଶ କରିଛନ୍ତି।

## ୧୪କୁ ଘୁଞ୍ଚିଲା ରସୁଲପୁର ପଞ୍ଚାୟତ ସମିତି ବୈଠକ

ରସୁଲପୁର,୨।୧୨(ଡି.ଏନ.ଏ.)

ରସୁଲପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ପୂର୍ବ ନିର୍ଦ୍ଧାରିତ ତାରିଖରେ ପରିବର୍ତ୍ତନ ହୋଇଛି। ଚଳିତ ମାସ ୯ ତାରିଖ ସକାଳ ସାଢେ ୧୦ଟାରେ ଅଧିବେଶନ ପାଇଁ ଧାର୍ଯ୍ୟ କରାଯାଇଥିଲା। ସମୟରେ ପରିବର୍ତ୍ତନ କରାଯାଇ ଅଧିବେଶନକୁ ଡିସେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏ ସମ୍ପର୍କରେ ବ୍ଲକ ଅଧୀନ ୩ ନିର୍ବାଚନମଣ୍ଡଳୀର ବିଧାୟକ, ଯାଜପୁର ଏମ୍‌ପି, ଜିଲା ପରିଷଦ ସଭାପତି, ସଭ୍ୟାସଭ୍ୟ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଓ ସମସ୍ତ ଲାଇନ ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇଛି। ଚଳିତମାସ ୫ ତାରିଖରେ ଲୋକଙ୍କ ଯୋଜନା ଅଭିଯାନ-୨୦୨୨ରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭା ହେବ। ଏଥିରେ ୯ଟି ବିଷୟରେ ସଭାରେ ଆଲୋଚନା କରାଯିବ। ଏହାଛଡ଼ା ପଞ୍ଚାୟତ ସମିତିର ସ୍ଥାୟୀ କମିଟି ଗଠନ, ବିଭିନ୍ନ ଉନ୍ନୟନ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

## ଜାନୁୟାରୀ ୧୨ରୁ ସୌରିକ ଯୁବ ମହୋତ୍ସବ

କାଳିଆପାଣି,୨।୧୨(ଡି.ଏନ.ଏ.)

### ତୃତୀୟ ଲିଙ୍ଗ ପ୍ରତି ମାନସିକତା ବଦଳାଇବା ଓ ଦୁଶ୍ଚିନ୍ତାରୁ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ଦିଆଯିବ ପ୍ରାଥମିକତା

ସୁକିନ୍ଦା ବ୍ଲକ୍ ଅଧୀନ କାଳିଆପାଣି ଓଡ଼ିଶା ଖଣି ନିଗମ କଲୋନୀ ପରିସରରେ ଜାନୁୟାରୀ ୧୨ରୁ୧୬ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସୌରିକ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀରଙ୍କ ଆବାହକତ୍ୱରେ ଟାଟା ଷ୍ଟିଲ୍ ମାଇନିଂ କମ୍ପାନୀର ସୁକିନ୍ଦା କଲୋନୀ ପରିସର କାଟେପୂର୍ତ୍ତି ଅଡିଟୋରିୟମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ତୃତୀୟ ଲିଙ୍ଗ ପ୍ରତି ମାନସିକତା ବଦଳାଇବା ପାଇଁ ସଚେତନତା ଓ ମାନସିକ ଦୁଶ୍ଚିନ୍ତାରୁ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ପ୍ରାଥମିକତା ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଟାଟା ଷ୍ଟିଲ୍ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁ, ଓଡ଼ିଶା ଖଣି ନିଗମ ସିଏସ୍‌ଆର୍ ଅଧିକାରୀ ମଧୁସ୍ମିତା ଦାସ, ଫେକର ବେଦାନ୍ତ କମ୍ପାନୀର ମାନବ ସମ୍ବଳ ଅଧିକାରୀ ସୁଶାନ୍ତ ସାହୁ, ଇମ୍ପା କମ୍ପାନୀର ଲୋକ ସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ପ୍ରଭାତ ସିଂ, ଜିନ୍ଦଲ କମ୍ପାନୀର ବିତ୍ତୀୟ ପରିଚାଳକ ରୌମ୍ୟରଞ୍ଜନ ରାୟ, ୩୭ ନମ୍ବର ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ସୁକିନ୍ଦା ବ୍ଲକ୍ ଅଧକ୍ଷା ଭଗବତୀ ମହାନ୍ତ, ପରିବହନ ସଂସ୍ଥାର ପ୍ରତିନିଧି ଓ ୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହି କିପରି ମହୋତ୍ସବ ସରସସୁନ୍ଦର ଏବଂ ଶୃଙ୍ଖଳିତ ଭାବେ ଆୟୋଜନ କରାଯିବ ସେ ସମ୍ପର୍କରେ ମତ ରଖିଥିଲେ।


ପ୍ରସ୍ତୁତି ବୈଠକରେ ବିଭିନ୍ନ କମ୍ପାନୀର ଅଧିକାରୀ, ଜନ ପ୍ରତିନିଧି ଓ ଅନ୍ୟମାନେ।

## ୧୧ରୁ ପଞ୍ଚାୟତସ୍ତରୀୟ କେଡିଏମ୍ କ୍ରିକେଟ୍

ଧର୍ମଶାଳା,୨।୧୨(ଡି.ଏନ.ଏ.)

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୭ ତାରିଖରେ କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍) ଟ୍ରଫି ଉନ୍ମୋଚନ କରାଯିବ। ୧୧ ତାରିଖରେ ପଞ୍ଚାୟତରସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହେବ। ଏହା ଫେବୃୟାରୀ ୫ରେ ଉଦ୍‌ଯାପିତ ହେବ। ଏନେଇ ଶୁକ୍ରବାର ଜାରକା ନୂଆଗାଁସ୍ଥିତ ଆଇଟିଆଇ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେଡିଏମ୍ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଟ୍ରଫି ଉନ୍ମୋଚନ ହେବ। ଧର୍ମଶାଳା ବ୍ଲକ୍‌ର ୪୫, ବରୀ ବ୍ଲକର ୧୦, କୋରେଇର ୬ ଓ ରସୁଲପୁର ବ୍ଲକର ୯ଟିକୁ ମିଶାଇ ମୋଟ୍ ୭୩ ପଞ୍ଚାୟତରୁ ୭୩ ଟିମ୍‌କୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ଟୁର୍ଣ୍ଣାମେଣ୍ଟରେ ଟିମ୍‌ଗୁଡ଼ିକୁ ୮ଟି ଜୋନରେ ବିଭକ୍ତ କରାଯାଇ ୮ଟି ସ୍ଥାନରେ ମ୍ୟାଚ୍ ହେବ।

ଏହି ବ୍ଲକ ଅଧୀନ ଗଡ଼ମଧୁପୁର ଖେଳ ପଡ଼ିଆରେ ୯ ପଞ୍ଚାୟତର ଟିମ୍‌କୁ ନେଇ ୧୧ରୁ୧୪ ତାରିଖ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ରସୁଲପୁର ବ୍ଲକର ଅତଲାପୁର ଖେଳପଡ଼ିଆରେ ୧୦ଟି ଟିମ୍‌କୁ ନେଇ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ମ୍ୟାଚ୍ ଚାଲିବ। ଧର୍ମଶାଳା ବ୍ଲକର ବାରକଣା ଖେଳପଡ଼ିଆରେ ଆସନ୍ତା ୨୧ରୁ ମ୍ୟାଚ୍ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବ। ବଡ଼କାଏମା ଖେଳପଡ଼ିଆରେ ୨୬ରୁ ୨୯ ପର୍ଯ୍ୟନ୍ତ ମ୍ୟାଚ୍ ଚାଲିବ। ରସୁଲପୁର ବ୍ଲକ ମୁଗୁପାଳ ଖେଳପଡ଼ିଆରେ ଜାନୁୟାରୀ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଖେଳ ହେବ। ଏଥିରେ ୯ ପଞ୍ଚାୟତର ଟିମ୍ ଭାଗନେବେ। ଧର୍ମଶାଳା ବ୍ଲକ ଥାନୁଆଳ ଖେଳପଡିଆରେ ଜାନୁୟାରୀ ୭ରୁ ୧୦ ତାରିଖ ମଧ୍ୟରେ ମ୍ୟାଚ୍ ହେବ। କୃଷ୍ଣପଡ଼ା ଖେଳପଡ଼ିଆରେ ଜାନୁୟାରୀ ୧୨ରୁ ୧୫ ତାରିଖ ଓ ଏହି ବ୍ଲକର ନୀଳକଣ୍ଠପୁର ଖେଳପଡ଼ିଆରେ ୧୭ରୁ ୨୦ ତାରିଖ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ବିଭିନ୍ନ ଜୋନରୁ ବିଜୟୀ ହୋଇଥିବା ୧୬ ଟିମ୍‌କୁ ନେଇ ଜାନୁୟାରୀ ୨୩ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ସେମି ଫାଇନାଲ୍ ମ୍ୟାଚ୍ ଚାଲିବ। ତେବେ ଫେବୃୟାରୀ ୫ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଅଧକ୍ଷ ପ୍ରକାଶ କରିଛନ୍ତି।

ସେହିପରି ୨ ତାରିଖରୁ ସ୍କୁଲ୍ ଓ କଲେଜସ୍ତରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୭ ତାରିଖରେ କଳ୍ପତରୁ ଦାସ ଷ୍ଟାଡିୟମରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହିତ ସ୍କୁଲ ଓ କଲେଜ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ ସାହାଣୀ ଓ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଧନ୍ୟବାଦ ଦେଇଥିଲେ।


ଖବରଦାତା ସମ୍ମିଳନୀରେ କେଡିଏମ୍ ଅଧକ୍ଷ ସୂଚନା ଦେଉଛନ୍ତି।

**ମା'ନାରାୟଣୀଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ**

ବିରିଡ଼ି, (ଡି.ଏନ୍.ଏ.) ବିରିଡି ବ୍ଲକ ଅନ୍ତର୍ଗତ ଅଲିପଡା ଗ୍ରାମରେ ଶୁକ୍ରବାର ମା'ନାରାୟଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଏକ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଳସ ଯାତ୍ରା, ମଣ୍ଡଳ ସ୍ଥାପନ, ଚଣ୍ଡୀ ପାଠ, ହୋମ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ କରାଯାଇଛି। ଏହାକୁ ମା'ନାରାୟଣୀ ମନ୍ଦିର ପରିଚାଳନା କମିଟି ଅଲିପଡାର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ । ମନ୍ଦିର ପ୍ରତିଷ୍ଠା ଦେଖିବା ଲାଗି ବହୁ ଶ୍ରଦ୍ଧାଳୁ, ଆଧାତ୍ମିକ ପ୍ରେମୀ ଓ ଜନସାଧାରଣଙ୍କ ଭିଡ଼ ଜମିଥିଲା ।

## ସଂକ୍ଷେପରେ

### ବୋଇତାଲୁ ପାଟ,ବେଣାକନ୍ଦା ସ୍ଲୁଇସ ପୁନଃ ନିର୍ମାଣ ଦାବି କଲା ଭାଜପା

ପଟ୍ଟାମୁଣ୍ଡାଇ,୨।୧୨(ସ୍ୱ.ପ୍ର.):ବୋଇତାଲୁ ପାଟ ଓ ବେଣାକନ୍ଦା ସ୍ଲୁଇସ ପୁନଃ ନିର୍ମାଣ ଦାବିରେ ପଟ୍ଟାମୁଣ୍ଡାଇ-ରାଜନଗର ଭାଜପା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଡ଼ ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ ମାଳିବସାଠାରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ସହିତ କଣ୍ଟାବଣ ବଜାରରେ ପହଞ୍ଚ ଥିଲା । ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଭଜପା ଯୁବନେତା ବନମାଳୀ ମହାପାତ୍ର ପୌରୋହିତ୍ୟରେ କରିଥିଲେ। ବରିଷ୍ଠନେତା ତଥା ଭୁବନେଶ୍ୱର ଜିଲା ପ୍ରଭାରୀ ପ୍ରଫେସର ଭୁବନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନା ଓ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନଅଙ୍କ ଦୁର୍ଭିକ୍ଷ ସମୟରେ ବୋଇତାଲୁ ପାଟରେ ଥିବା ସମଗ୍ର ଉତିକଣ ଅଞ୍ଚଳର ଚାଷଜମିର ଫସଲ ଖାଦ୍ୟ ଶସ୍ୟ ଯୋଗାଇ ଜୀବନ ରକ୍ଷା କରିବାରେ ସହାୟକ ହୋଇଥିଲା । ଏ ଅଞ୍ଚଳର ଚାଷୀଙ୍କ ସୁରକ୍ଷା ପାଇଁ ବୋଇତାଲୁ ପାଟକୁ ବଞ୍ଚାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହି ସଭାରେ ଜିଲା ଭାଜପାର ପ୍ରାକ୍ତନ ସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲା ଉପସଭାପତି ଗଗନ ସାହୁ, ମଣ୍ଡି ସଂଯୋଜକ ପବିତ୍ର ପରିଡା,୧୮ ନଂ. ଜୋନ ସଭାପତି ନୃସିଂହ ସାହୁ, ନଗର ମହିଳା ଭାଜପା ସଭାନେତ୍ରୀ ରଶ୍ମିତା ସାହୁ, ପୂର୍ବତନ ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

### ରାଜକନିକା ବ୍ଲକସ୍ତରୀୟ ବିଜ୍ଞାନ ମେଳା

ରାଜକନିକା,୨।୧୨(ଡି.ଏନ.ଏ.): ରାଜକନିକା ବାଳିକା ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ମଣ୍ଡଳସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶକୁ ନେଇ ଅନୁଷ୍ଠିତ ଏଥିରେ ବିଭିନ୍ନ ବିଦ୍ୟାଳୟର ୭୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା । ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ମିନତୀ ରାଉତ, ମୁଖ୍ୟବକ୍ତା ଓମ୍‌ଟାର ସଭାପତି ଡ. ଆଶିଷ ବାରିକ, ସମ୍ମାନୀତ ଅତିଥି ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଡାକ୍ତର ଜିତେନ୍ଦ୍ର ରାଉତ, ଜିଲା ପରିଷଦ ପ୍ରତାପ ବେହେରା, ତହସିଲଦାର ଅଶୋକ ଦେହୁରୀ, ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟା,ସ୍ଥାନୀୟ ସରପଞ୍ଚ ବୈଜୟନ୍ତୀ ନାୟକ, ଉପାଧକ୍ଷ ଚିନ୍ମୟ ରଞ୍ଜନ ଦାସ ଓ ସମିତି ସଭ୍ୟ ସାରଥି ହେମ୍ବ୍ରମ ମଲ୍ଲିକ ପ୍ରମୁକ ଉପସ୍ଥିତ ରହି କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥବଲେ ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ପରେ ବି ରାସ୍ତା ଅବସ୍ଥା ସୁଧୁରୁନି

ପଟ୍ଟାମୁଣ୍ଡାଇ,୨।୧୨(ସ୍ୱ.ପ୍ର.)

- ବାରମ୍ବାର ଚାଲିଛି ନିର୍ମାଣ, ମରାମତି
- ନିମ୍ନମାନର କାମ ପ୍ରତି କାହାର ନଜର ନାହିଁ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଅଳଭା-ଗଣ୍ଡାକିଆ ସାଢେ ୧୦ କିମି ରାସ୍ତା ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ପାଇଁ ରୋଜଗାରର ପଥ ସାଜିଛି। ଏହି ରାସ୍ତା ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ଗୋବରୀ ସମ୍ପ୍ରସାରିତ କେନାଲ ବନ୍ଧର ବାମପାର୍ଶ୍ୱରେ ନିର୍ମିତ ହୋଇଛି । ୨୦୧୪ରେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ରାସ୍ତାଟି ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳ ସମେତ ରାଜନଗର ଓ ମହାକାଳପଡ଼ା ଅଞ୍ଚଳର ଜୀବନରେଖା ହୋଇଥିବାରୁ ଏହାର ଗୁରୁତ୍ୱ ରହିଛି । ଉକ୍ତ ରାସ୍ତା କେନ୍ଦ୍ରାପଡ଼ା ଜିଲା ସଦର ମହକୁମାକୁ ସଂଯୋଗ କରୁଛି। ବିଶ୍ୱପ୍ରସିଦ୍ଧ ଭିତରକନିକାକୁ ଉକ୍ତ ରାସ୍ତା ଅନ୍ୟତମ ସଂଯୋଗ ପଥ ହୋଇଥିବାରୁ ପର୍ଯ୍ୟଟକମାନେ ଯାତାୟାତ କରିଥାଆନ୍ତି । ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାର ୯ ବର୍ଷ ମଧ୍ୟରେ ଉକ୍ତ



ଅଳଭା-ଗଣ୍ଡାକିଆ ରାସ୍ତା

ରାସ୍ତାର ନିର୍ମାଣ ଓ ମରାମତି ବାରମ୍ବାର କରାଯାଇଛି । ଏନେଇ ବିଭାଗ ପକ୍ଷରୁ ବାରମ୍ବାର ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତ ହୋଇଛନ୍ତି । କିନ୍ତୁ ରାସ୍ତା ନିର୍ମାଣ କିମ୍ବା ମରାମତି ହେବା ପରେ ମଧ୍ୟ ରାସ୍ତାରୁ ପିଚୁ ଉଠିଯିବା ସହିତ ଗାତ ସୃଷ୍ଟି ହୋଇ ଯାତାୟାତରେ ଅନ୍ତରାୟ ସୃଷ୍ଟି କରିଛି ।

ସୂଚନା ଅନୁଯାୟୀ, ୨୦୧୪ରେ ଉକ୍ତ ରାସ୍ତା ନିର୍ମାଣ କାମ ପୂର୍ତ୍ତ ବିଭାଗ ଆରମ୍ଭ କରିଥିଲା । ୨ ବର୍ଷ ପରେ ରାସ୍ତା କାମ ଶେଷ ହୋଇଥିଲା । କାମ ସରିବାର ମାତ୍ର ୨ ବର୍ଷ ପରେ ଅଳଭାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ସାଢେ ୧୦ କିମି ରାସ୍ତାକୁ ପିଚୁ କରିବା ପାଇଁ ୩ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ସହ ୨୦୧୮ରେ ଟେଣ୍ଡର କରାଯାଇଥିଲା । କିନ୍ତୁ ପିଚୁ କାମ ଶେଷ ପର୍ଯ୍ୟନ୍ତ କରାଯାଇ ନ ଥିଲା । ମାତ୍ର ୬ କିଲୋମିଟର ଅର୍ଥାତ୍ ସିମୁଳିଆ ପର୍ଯ୍ୟନ୍ତ ପିଚୁ କାମ କରାଯାଇଥିଲା । ସେହି କାମ ୨୦୧୯ ଜୁନରେ ଶେଷ ହୋଇଥିଲା । ଅନ୍ୟପକ୍ଷେ ସିମୁଳିଆଠାରୁ ମାଳିବସା ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତାକୁ ପିଚୁ କରିବା ପାଇଁ ପୁନର୍ବାର ୨୦୧୯ରେ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଏଥିପାଇଁ ଆଉ ଏକ ଟେଣ୍ଡର କରାଯାଇ ପିଚୁ କାମ ହୋଇଥିଲା। ତେବେ ମାଳିବସାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ବାକି ପଡିଥିବା ସାଢେ ୩ କିମି ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପୁଣି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଥିଲା । ହେଲେ ନିମ୍ନମାନର କାମକରି ବ୍ୟୟ ଅଟକଳର ସିଂହଭାଗ ଆତ୍ମସାତ୍ କରାଯାଇଥିଲା ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏବେ ପୁଣି ଏହି ରାସ୍ତାର ଅଳଭାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୩ କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ କରାଯାଇଛି । ଏଥିପାଇଁ ଏକ ନୂଆ ଟେଣ୍ଡର କରାଯାଇ ଗତ ମେ' ମାସରୁ କାମ ଆରମ୍ଭ ହୋଇଥିଲା । ମାତ୍ର ଗଣ୍ଡାକିଆ ପାଖରୁ ଗଙ୍ଗାରାମପୁର ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ମାଟି ପକାଇ ଠିକାଦାର କାମ ବନ୍ଦ କରିଦେଇଛନ୍ତି। ଏବେ ସେହି ରାସ୍ତା ଖାଲରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ଏଥିପାଇଁ ଅଞ୍ଚଳବାସୀ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ପୂର୍ବରୁ ଏହି ରାସ୍ତାରେ ତାଳିପକା କାମ ବହୁବାର କରାଗଲାଣି। ୪ ବ୍ଲକ ଅଞ୍ଚଳ ଲୋକଙ୍କ ହିତ ଦୃଷ୍ଟିରୁ ଉକ୍ତ ରାସ୍ତାର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ତରାଇ,ସାମାଜିକ କର୍ମୀ ଗର୍ନ୍ଧବ ସାହୁ, ଗଗନ ବାରିକ, ସୁକୁଟା ବେହେରା, ପଦ୍ମଲୋଚନ ସ୍ୱାଇଁ , ନରେନ୍ଦ୍ର ବେହେରା ,ବିଜୟ ଦାସ ,ସୁରେନ୍ଦ୍ର ପରିଡ଼ା, ନକୁଳ ଚରଣ ସୂତାର, ସଞ୍ଜୀବ ତରାଇ, ପ୍ରମୋଦ ଗାହାଣ,ବଙ୍ଗାଳୀ ତରାଇ ,ସତ୍ୟ ନାୟକ, ଅନିଲ ଦାସ,ଚିତ୍ତରଞ୍ଜନ ସ୍ୱାଇଁ, ଦର୍ଶନ ସାହୁ ପ୍ରମୁଖ ଦାବି କରିଛନ୍ତି ।

## ଅଗ୍ନିଶମ ବାହିନୀ ଗାଡ଼ି ଧକ୍କାରେ ଅଟୋରିକ୍ସା ଓଲଟିଲା, ଯୁବତୀ ଗୁରୁତର

ରାଜନଗର,୨।୧୨(ଡି.ଏନ.ଏ.)

ଅଗ୍ନିଶମ ବାହିନୀ ଗାଡ଼ି ଧକ୍କାରେ ଏକ ଅଟୋରିକ୍ସା ଓଲଟି ପଡିବାରୁ ଗୋଖଣୀ ଗାଁର ସନ୍ଧ୍ୟାରାଣୀ ନାୟକ (୨୧) ଅଟୋରିକ୍ସା ତଳେ ରହି ଯାଇଥିଲା। ଅଟୋରେ ଥିବା ସାବିତ୍ରୀ ନାୟକ (୬୧) ବି ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସନ୍ଧ୍ୟାରାଣୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି । ହାଟିନାରୁ ରାଜନଗର ଆସୁଥିବା ଏକ ଅଟୋରିକ୍ସାରେ ୪ଜଣ ଯାତ୍ରୀ ଥିଲେ। ରାଜନଗର-ଗୁପ୍ତି ମୁଖ୍ୟରାସ୍ତାର ତନ୍ତିପୋଖରୀ ନିକଟରେ ଅଗ୍ନିଶମ ବାହିନୀ ଗାଡ଼ିର ହୁକ୍ ଅଟୋରିକ୍ସାରେ ଲାଗିଯାଇଥିଲା। ଫଳରେ ଅଟୋରିକ୍ସାଟି ଘୋଷାଡି ହୋଇଯିବା ସହ ରାସ୍ତା କଡକୁ ଓଲଟି ପଡିଥିଲା।

## କୁନି ବୈଜ୍ଞାନିକଙ୍କ ୮୩ ପ୍ରକଳ୍ପ ପ୍ରଦର୍ଶନ






କୁନି ବୈଜ୍ଞାନିକମାନେ ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ଡେରାବିଶ,୨।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଗୁଆଳସିଂ ପଞ୍ଚାୟତ ଠାକୁରହାଟସ୍ଥିତ ସୁଦର୍ଶନ ନୋଡ଼ାଲ୍ ହାଇସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ୮୩ ବିଦ୍ୟାଳୟର କୁନି ବୈଜ୍ଞାନିକମାନେ ଭାଗ ନେଇ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।

ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥିଭାବେ ବିଡ଼ିଓ ନମିତା ବାରିକ, ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ, ବେଲରପା ହାଇସ୍କୁଲର ପ୍ରଧାନଶିକ୍ଷକ ପୀତାବାସ ପଣ୍ଡା, ସୁର୍ଦାନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କନକଲତା ରାଉତ ଯୋଗ ଦେଇ ହାଣ୍ଡିଶାଳ ଠାରୁ ମଶାଣୀ ଯାଏ ବିଜ୍ଞାନର ଉପଯୋଗିତା ଉପରେ ମତ ରଖିଥିଲେ । ଅତିଥିମାନେ କହିଥିଲେ, ଜନ୍ମ ସମୟରେ ପରିବେଶ ସୁରକ୍ଷା ସମ୍ପର୍କରେ ଆମ ପରମ୍ପରା ବହୁ ଗୁରୁତ୍ୱ ଦେଇ ଆସୁଥିଲା । ସେହିପରି ମରଣ ସମୟରେ ଶୁଦ୍ଧତାକୁ ନେଇ ଆଚାର ବିଚାର ପ୍ରଚଳିତ ହେଉଥିଲା । ବିଜ୍ଞାନ ପ୍ରତ୍ୟେକ କାର୍ଯ୍ୟରେ ଜଡ଼ିତ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ବେହେରା ଅଧ୍ୟକ୍ଷତା କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥିଭାବେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଆରସିସି ନରହରି ସୂତାର, ଗୁଆଳସିଂ ସମିତିସଭ୍ୟ ନୀଳମଣି ନାଥ ଯୋଗଦେଇ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଥିବା ୭ ପ୍ରକଳ୍ପ କରିଥିବା କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ସୁବୋଧ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲ । ଏହି ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଆରସିସି ଲଲାଟ କିଶୋର ଭୂୟାଁ, ଅଶୋକ ମହାପାତ୍ର, ରମେଶ ଚନ୍ଦ୍ର ପତି, ଅଭିରାମ ମିଶ୍ର ପ୍ରମୁଖଙ୍କ ସମେତ ସୁଦର୍ଶନ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

### ଡେରାବିଶ ବ୍ଲକସ୍ତରୀୟ ବିଜ୍ଞାନ ମେଳା

## ବାରାହାଦୋମଣ୍ଡା ପଞ୍ଚାୟତ ବୈଠକ

ରାଜକନିକା,୨।୧୨(ଡି.ଏନ.ଏ.)

ରାଜକନିକା ବ୍ଲକର ବାରାହାଦୋମଣ୍ଡା ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାରାହାଦୋମଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରସନ୍ନ ମଳିକ ପୌରୋହିତ୍ୟ କରିଥିଲେ। ବୈଠକରେ ବିଭିନ୍ନ ବିଦ୍ୟାଳୟର ଉନ୍ନତୀକରଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ମାନପୁର ଘାଟ ପୋଲ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମସ୍ତ ଜନପ୍ରତିନିଧି ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ଜନିଲତା ସାହାଣି, ଅନୁପମା ବାରିକ, ସୁଜନାପ୍ରଭା ସେଠୀ, ରବୀନ୍ଦ୍ର ନାୟକ, ମାୟାଧର ପରିଡ଼ା, ମାନସ ବେହୁରିଆ, ସରୋଜିନୀ ବିଶ୍ୱାଳ, ସୌଦାମିନୀ ମଳିକ, ଦିଗାମ୍ବର ମଳିକ, ସମରେଶ ମଳିକ, ରଞ୍ଜିତା ମଳିକ, ଅନୁପମା ବେହୁରିଆ, ମାନସ ପରିଡା, ରିନିଲତା ସେଠୀ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ ।



ବୈଠକରେ ଯୋଗଦେଇଥିବ ଜନ ପ୍ରତିନିଧି ।

### କୁରାଳ ପଞ୍ଚମୀ ପୂଜା ଶେଷ

ବିରିଡି,୨।୧୨(ଡି.ଏନ.ଏ)

ବିରିଡି ବ୍ଲକ ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ସାମ୍ବତ୍ସରିକ କୁରାଳ ପଞ୍ଚମୀ ପୂଜା ଉତ୍ସବ ଗତ ସୋମବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଯାଇଛି। କୁମ୍ଭକାର ପରିବାରମାନଙ୍କ ଏହି କୌଳିକ ପର୍ବ ୫ଦିନ ଧରି ପାଳିତ ହୋଇଥିଲା । ଏହି ଅବସରରେ ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯିବା ସହ କୁରାଳ ପୁରାଣ ପଠନ, ଗୀତା ପଠନ ସହ ଆଧ୍ୟାତ୍ମିକ ପ୍ରବଚନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ କୁମ୍ଭକାରମାନଙ୍କ ଘରେ ଚକ, ପିଣ୍ଡ, ପିଟଣା ଓ ଭାଟିକୁ ପୂଜା ଅର୍ଚ୍ଚନା କରାଯାଇ ଶୁକ୍ରବାର ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ବିସର୍ଜନ କରାଯାଇଛି।

## ପ୍ରାଣୀଧନ ରୋଗ ନିବାରଣ ସଚେତନତା

ରଘୁନାଥପୁର,୨।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ତାରପୁର ପଞ୍ଚାୟତ ଖଣ୍ଡତରିଠାରେ ପ୍ରାଣୀଧନ ରୋଗ ନିବାରଣ ସମ୍ପର୍କିତ ସଚେତନତା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିଓ ଚିନ୍ମୟ କୁମାର ସାହୁ, ତିର୍ତ୍ତୋଲ ବିଭିଓ ଲଳିତ କୁମାର ଜେନା ଓ ଏମ୍‌ଭିଝୁ ଈପ୍‌ସିତା ନନ୍ଦ ଯୋଗଦେଇ ଗୋ-ଚାଷୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଗୋରୁଙ୍କ ରୋଗ ନିବାରଣ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଲିଙ୍ଗ ନିରୂପିତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନର ଉପକାରିତା ବିଷୟରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ଗାଈଙ୍କ ଠାରେ ନୂତନ ଭାବେ ପ୍ରୟୋଗ କରାଯାଇଥିବା ଶୁକ୍ରାଣୁରୁ କିପରି ୯୦ ପ୍ରତିଶତ ମାଈ ବାଛୁରୀ ଜନ୍ମ ନେଉଛନ୍ତି ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହା ଦ୍ୱାରା ଚାଷୀମାନେ କିପରି ଲାଭବାନ୍ ହୋଇପାରିବେ ସେନେଇ ବିସ୍ତୃତ ତଥ୍ୟ ଦିଆଯାଇଥିଲା। ଗାଈଙ୍କଠାରେ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ସମ୍ପୃକ୍ତ ବିଭାଗକୁ ଅବଗତ କରିବା ଏବଂ ସୁସ୍ଥ ପରିବେଶରେ ସର୍ବଦା ଗାଈଙ୍କୁ ରଖିବା ପାଇଁ ଡା. ସାହୁ ଉପସ୍ଥିତ ଗୋ-ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଶିବିରକୁ ଆସିଥିବା ଗାଈବାଛୁରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଜିତେନ୍ଦ୍ର ବେହେରା, ଆଟେଣ୍ଡାଣ୍ଟ ଦେଶପ୍ରୀୟ ମହାନ୍ତି ଓ ଦିଲୀପ ବେହେରା ଶିବିର ପରିଚାଳନା କରିଥିଲେ।

## ଯାତ୍ରୀ ବିଶ୍ରାମାଗାର ପୁନଃ ନିର୍ମାଣ ଦାବି

**ଜିଲାପାଳଙ୍କୁ ଦାବିପତ୍ର**

କୁଜଙ୍ଗ,୨।୧୨(ଡି.ଏନ୍.ଏ.)

କୁଜଙ୍ଗ ବଜାରସ୍ଥିତ କଟକ-ପାରାଦୀପ ରାଜ୍ୟ ରାଜପଥ କଡ଼ରେ ଥିବା ଏକ ସ୍ଥାୟୀ ଯାତ୍ରୀ ବିଶ୍ରାମାଗାରକୁ ବ୍ଲକ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇ ଦୋକାନ ଘର ନିର୍ମାଣ କାମ ଆରମ୍ଭ ହୋଇଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏନେଇ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇ ପୁନର୍ବାର ବିଶ୍ରାମାଗାର ନିର୍ମାଣ କରିବାକୁ ଦାବି କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବସ୍‌ଯାତ୍ରୀମାନଙ୍କର ସୁବିଧା ନିମନ୍ତେ ୨୦୦୫ରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏଠାରେ ଏକ ସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଏହାର ଉଦ୍‌ଘାଟନ କରିଥିଲେ। ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କେନ୍ଦ୍ର ଓ ବାଣିଜ୍ୟ କେନ୍ଦ୍ର । ଏଠାରେ ତହସିଲ, ବ୍ଲକ୍, ଟ୍ରେଜେରି ଅଫିସ୍, ସବ୍ ରେଜିଷ୍ଟ୍ରାର ଅଫିସ୍, ଡାକ୍ତରଖାନା ସମେତ ୩୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ ଓ ୧୦ରୁ ଊର୍ଦ୍ଧ୍ୱ ସ୍କୁଲ୍ କଲେଜ, ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତ ସମେତ ୫ଟି ଅଦାଲତ କାର୍ଯ୍ୟ କରୁଛି। ଏହା ଉପରେ ଜଗତ୍‌ସିଂହପୁର ଜିଲା ସମେତ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ, ଗରଦପୁର ଓ ମହାକାଳପଡ଼ା ବ୍ଲକର ବହୁ ଲୋକ ନିର୍ଭରଶୀଳ। ଖାଲି ସେତିକି ନୁହେଁ. ପୁରୀ ଜିଲାର ବହୁ ଅଧିବାସୀ କୁଜଙ୍ଗରୁ ଦୈନିକ ପାରାଦୀପ ଯାତାୟାତ କରନ୍ତି । ସେହିପରି କଟକ, ଭୁବନେଶ୍ୱର ସମେତ ଅନ୍ୟ ଅଞ୍ଚଳକୁ ମଧ୍ୟ ଏଠାରୁ ବସ୍ ଓ ଅନ୍ୟ ଯାତ୍ରୀବାହୀ ଯାନ ଆଦି ମିଳିଥାଏ। ଏନେଇ ଶୀତ, ଖରା, ବର୍ଷା ସମୟରେ ଯାତ୍ରୀମାନେ ଉକ୍ତ ବିଶ୍ରାମାଗାରକୁ ଆସି ଯାତ୍ରୀବାହୀ ଯାନକୁ ଅପେକ୍ଷା କରନ୍ତି। ମାତ୍ର ଉକ୍ତ ବିଶ୍ରାମାଗାରକୁ ଭାଙ୍ଗି କେଉଁ ଉଦ୍ଦେଶ୍ୟରେ ସେଠାରେ ଦୋକାନଗୃହ ନିର୍ମାଣ କରାଯାଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସାମାଜିକ କର୍ମୀ ତଥା ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ କୁହନ୍ତି। ପ୍ରଶାସନ ପକ୍ଷରୁ ସେଠାରେ ଜୋରଜବରଦସ୍ତ ଦୋକାନ ଘର ନିର୍ମାଣ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ଜିଲାପାଳ ଏନେଇ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବା ସହ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ନାଥ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, କୁଜଙ୍ଗର ବିକାଶ କରିବା ପ୍ରଶାସନର ମୂଳ ଲକ୍ଷ୍ୟ । ଏବେ ବିଶ୍ରାମାଗାର ଭଙ୍ଗାଯାଇ ଦୋକାନ ଘର କରାଯାଉଛି। ପରବର୍ତ୍ତୀ ସମୟରେ କଟକ ଅଭିମୁଖେ ଯାଉଥିବା ଯାତ୍ରୀଙ୍କ ନିମନ୍ତେ ଅନ୍ୟ ଏକ ବିଶ୍ରାମାଗାର ନିର୍ମାଣ କରିବାକୁ ଯୋଜନା ରହିଛି। ମାତ୍ର ଉକ୍ତ ଯୋଜନା କେବେ କାର୍ଯ୍ୟକାରୀ ହେବ ସେନେଇ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ଭଙ୍ଗା ଯାଇଥିବା ଯାତ୍ରୀ ବିଶ୍ରାମାଗାର ସ୍ଥାନରେ ଦୋକାନ ଘର ପାଇଁ କାମ ଆରମ୍ଭ ହୋଇଛି ।

## ଆଳିରେ ଫିଫା ୱାର୍ଲ୍ଡ କପ୍ ତାତି

- ଅନ୍ୟୁନ ୧୫ ମହିଳା ଖେଳାଳିଙ୍କୁ ମିଳିଛି ପରିଚୟ
- ସସ୍ମିତାଙ୍କୁ ମିଳିଛି ୨୦୧୬ର ଫୁଟବଲ ସମ୍ମାନ
- ଜାତୀୟ ଖେଳରେ ଆଳି ଖେଳାଳିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦ୍ରାପଡ଼ା ଅଫିସ,୨।୧୨:

ଫିଫା ଫୁଟବଲ ବିଶ୍ୱକପ୍-୨୦୨୨ ଏବେ ହାରଜିତ ପାଇଁ ଅଧିକ ଆକର୍ଷଣୀୟ ହେଉଛି । ମନପସନ୍ଦର ଖେଳାଳିଙ୍କୁ ସମର୍ଥନ କରି ଆଲୋଚନା ହେଉଛି । ଏହି ତାତି କେନ୍ଦ୍ରାପଡ଼ା ଜିଲା ଆଳି ଖେଳପଡ଼ିଆରେ ଦେଖିବାକୁ ମିଳିଛି । ଖେଳ ପଡ଼ିଆରୁ ରାଜ୍ୟ ଓ ଜାତୀୟସ୍ତରର ଅନ୍ୟୁନ ୧୫ ମହିଳା ଫୁଟବଲ ଖେଳାଳିଙ୍କୁ ପରିଚୟ ମିଳିଥିବା ବେଳେ ଏବେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ପ୍ରଶିକ୍ଷାର୍ଥୀ ଏଠାରେ ତାଲିମ ନେଉଛନ୍ତି। ଏହି ଖେଳାଳିଙ୍କ ମଧ୍ୟରେ କେଉଁ ଦଳ ଫୁଟବଲ ମହାକୁମ୍ଭରେ ବାଜିମାତ କରିବ, କେଉଁ ଖେଳାଳିଙ୍କ ପ୍ରଦର୍ଶନ ଭଲ ବୋଲି ଆଲୋଚନା ଚାଲିଛି । ଏଥିସହିତ ଭଲ ଖେଳି ଭାରତୀୟ ଟି'ଶାର୍ଟ ପରିଧାନ କରିବା ସ୍ୱପ୍ନରେ ସମସ୍ତେ ବିଭୋର ହେଉଛନ୍ତି। ଏହି ଖେଳପଡିଆରୁ ବାହାରିଥିବା ସସ୍ମିତା ମଲ୍ଲିକ ୧୯୯୮ରେ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚରେ ଭାଗ ନେଇଥିଲେ । ୨୦୧୬ରେ ଫୁଟବଲର ଅଫ୍ ଦି ଇଅର ଭାବେ ତାଙ୍କୁ ଅଲ୍ ଇଣ୍ଡିଆ ଫୁଟବଲ ଆସୋସିଏଶନ ସମ୍ମାନିତ କରିଥିଲା । ଚଳିତ ଫିଫା ଫୁଟବଲ ମହାକୁମ୍ଭକୁ ନେଇ ଜାତୀୟସ୍ତରର ଖେଳାଳି ସେନାପତି କୁହନ୍ତି, ବିଶ୍ୱକପ୍ ଏଥର ପର୍ତ୍ତୁଗାଲକୁ ଯିବ । ପର୍ତ୍ତୁଗୀଜ ଖେଳାଳି ଖ୍ରୀଷ୍ଟିଆନୋ ରୋନାଲଡୋ ତାଙ୍କର ପ୍ରିୟ ଖେଳାଳି। ସେହିପରି ଜାତୀୟସ୍ତରରେ ବହୁବାର ଫୁଟବଲ ଖେଳରେ ଭାଗ ନେଇଥିବା ମୂଳସାହି ଗ୍ରାମର ସସ୍ମିତା ବେହେରା କୁହନ୍ତି, ବ୍ରାଜିଲର ଖେଳ ପ୍ରଦର୍ଶନ ନିଆରା । ସର୍ବିଆ ବିରୋଧରେ ବ୍ରାଜିଲର ରିଚାର୍ଡସନଙ୍କ ବାଇସାଇକେଲ କିକ୍‌ରେ ଗୋଲ ଦେବା ଖୁବ୍ ଚିତ୍ତାକର୍ଷକ ଥିଲା। ଏଥିସହ ଏହି ଦେଶର ଖେଳାଳି ନିଆମାରଙ୍କ ସେ ବଡ଼ ପ୍ରଶଂସକ । ଏହି ପଡ଼ିଆରେ ଫୁଟବଲ ଶିକ୍ଷାର୍ଥୀ ରଜନୀ ସାହୁ କହିଛନ୍ତି, ଫୁଟବଲ ଖେଳ ଆରମ୍ଭ ହୋଇଥିବାରୁ ବାପାଙ୍କୁ କହି ଘରକୁ ଟିଭି ଆଣିବା ସହ କେବୁଲ କନେକଶନ କରାଇଛନ୍ତି । ତାଙ୍କର ପ୍ରିୟ ଖେଳାଳି ଲିଓନେଲ ମେସି । ଚଳିତ ବିଶ୍ୱକପ ଆର୍ଜେଣ୍ଟିନା ହାତକୁ ଯିବ ବୋଲି ସେ ମତ ରଖିଛନ୍ତି । କୋଚ୍ ସୁଶାନ୍ତ କୁମାର ମଲ୍ଲିକ କୁହନ୍ତି, ଆଳି ହେଉଛି ମହିଳା ଫୁଟବଲ ଖେଳାଳିଙ୍କ ପରୀକ୍ଷାଗାର । ଏଠାରୁ ବହୁ ପ୍ରଶିକ୍ଷାର୍ଥୀ ରାଜ୍ୟ ତଥା ଜାତୀୟସ୍ତରରେ ଖେଳି ନିଜର ପରିଚୟ ସୃଷ୍ଟି କରିଛନ୍ତି। ଏବେ ଫିଫା ବିଶ୍ୱକପ୍ ଚାଲିଥିବାରୁ ଖେଳାଳିମାନେ ଏହାକୁ ନିରୀକ୍ଷଣ କରିବା ସହିତ ଏନେଇ ଆଲୋଚନା କରିଥାନ୍ତି । କାହାକୁ କେଉଁ କୌଶଳ ଭଲ ଲାଗୁଛି ଆଲୋଚନା ସମୟରେ ଜଣାପଡୁଛି । ଆଳି ଆଥ୍‌ଲେଟିକ ଆସୋସିଏଶନର ସଭାପତି ଦେବେନ୍ଦ୍ର ଶର୍ମା କହିଛନ୍ତି, ଓଡ଼ିଶା ମହିଳା ଫୁଟବଲ ଟିମ୍ ୨୦୧୧ରେ ନ୍ୟାଶନାଲ ଚାମ୍ପିୟନ ହୋଇଥିଲା । ଏଥିସହିତ ୧୦ ଥର ରନର୍ସ ଅପ୍ ଟାଇଟଲ ହାସଲ କରିଛି । ଚଳିତ ବର୍ଷ ଅହମ୍ମଦାବାଦରେ ଅନୁଷ୍ଠିତ ଜାତୀୟସ୍ତରରେ ରନର୍ସ ଅପ୍ ହୋଇଛି। ଆଳି ଅଞ୍ଚଳର ଖେଳାଳି ରାଜେଶ୍ୱରୀ ଦାସ ଓ ସ୍ୱନ୍ଦିତା ଦାସ ଏଥିରେ ଭାଗ ନେଇଥିବା ସେ ସୂଚନା ଦେଇଛନ୍ତି।



ଆଳି ଖେଳପଡ଼ିଆରେ ପ୍ରଶିକ୍ଷଣ ନେଉଥିବା ମହିଳା ଖେଳାଳି ।

# ଅଲୋଡ଼ା ହୋଇଛନ୍ତି ମୂକବଧିର ଛାତ୍ରୀଛାତ୍ର

## ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

■ ୬୪ ହଜାରରୁ ଭତ୍ତା ପାଉଛନ୍ତି ୨୦,୭୪୨ ଜଣ

ଯାଜପୁର ଅଫିସ,୨।୧୨

ଜିଲାରେ ଭିନ୍ନକ୍ଷମଙ୍କ ପାଇଁ କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି ସତ, ହେଲେ ସରକାରଙ୍କ ଆନ୍ତରିକତା ଅଭାବରୁ ସେସବୁ ରୁଗ୍ଣ ଅବସ୍ଥାରେ ପଡ଼ିରହିଛି। ୩ ଭାଗରୁ ଭାଗେ ଭିନ୍ନକ୍ଷମଙ୍କୁ ଭତ୍ତା ମିଳୁଛି। କେବଳ ସରକାରୀ ଚାଉଳରେ ସେମାନଙ୍କ ଜୀବନ ଅତିବାହିତ ହେଉଛି। ସେମାନେ ଭୋଗୁଥିବା ଦୁଃଖକୁ ବ୍ୟକ୍ତ କରିବାର ସାମର୍ଥ୍ୟ ନାହିଁ। ଏମାନଙ୍କୁ ଦେଖିଲେ ମନେହେଉଛି ସେମାନେ କିଭଳି ପ୍ରଶାସନିକ ଅବ୍ୟବସ୍ଥାରେ ଅଲୋଡ଼ା ହୋଇପଡ଼ିଛନ୍ତି। ପ୍ରଶାସନିକ ଅଧିକାରୀ ତଥା ନେତୃବୃନ୍ଦ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରି ବଡ଼ବଡ଼ ଭାଷଣ ଦେଉଥିବାବେଳେ ଜିଲାର ବିଞ୍ଝାରପୁରସ୍ଥିତ ପ୍ରମିଳା ଦେବୀ ସ୍ପେଶାଲ ସ୍କୁଲ ଫର୍ ଚ୍ୟାଲେଞ୍ଜ୍, ଦଶରଥପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ଧମୂକ ବଧିର ସ୍କୁଲ, ଅଳକୁଣ୍ଡ ଶିବମ ଶିଳ୍ପ ଓ ପୁରୁଷୋତ୍ତମପୁର ରୋଜସ୍କୁଲ ଅନ୍ତେବାସୀଙ୍କ ସମସ୍ୟା ଅସମାହିତ ହୋଇ ରହିଛି।

ଯାଜପୁର ଜିଲାରେ ପ୍ରାୟ ୬୪ ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ରହିଛନ୍ତି। ସେଥିମଧ୍ୟରୁ ୨୦,୭୪୨ ଜଣ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଏଥିରେ ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାରେ ୪,୬୯୦ ଜଣ ଏବଂ ମଧୁବାବୁ ଭିନ୍ନକ୍ଷମ ଭତ୍ତା ଯୋଜନାରେ ୧୬,୦୫୨ ଜଣ ରହିଛନ୍ତି। ବିଞ୍ଝାରପୁର ବ୍ଲକ ଅଳକୁଣ୍ଡରେ ୨୦୦୪-୦୫ରେ ପ୍ରମିଳା ଦେବୀ ସ୍ପେଶାଲ ସ୍କୁଲ ଗଢ଼ିଉଠିଥିଲା। ଏଠାରେ ପ୍ରି-ପ୍ରାଇମେରୀ, ପ୍ରି-ଭୋକେଶନାଲ ଶ୍ରେଣୀର ଭିନ୍ନକ୍ଷମମାନଙ୍କୁ ବୁକ ବାଇଣ୍ଡିଂ, ଟେଲରିଂ, ସ୍କ୍ରିନ ପେଟିଂ ଆଦି ଶିକ୍ଷାଦାନ ଦିଆଯାଉଛି। ହେଲେ ସରକାରୀ ଭାବେ ଏହି ପିଲାମାନଙ୍କୁ ଆବଶ୍ୟକ ସହଯୋଗ ମିଳି ପାରୁନାହିଁ, ଯଦ୍ୱାରା ଅନୁଷ୍ଠାନରେ ବିଭିନ୍ନ ସମସ୍ୟା ଲାଗି ରହିଛି। କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଅନୁଷ୍ଠାନ କଷ୍ଟେମଷ୍ଟେ ଆଗକୁ ଚାଲିଛି। ବେଳେ ବେଳେ ଆର୍ଥିକ ସ୍ଥିତି ଦୋହଲି ଯାଉଥିବାବେଳେ ଖାଇବା ପିଇବା ସମସ୍ୟା ଦେଖା ଦେଇଥାଏ । ଦଶରଥପୁର ବ୍ଲକ ନିକଟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ଧମୂକ ବଧିର ସ୍କୁଲ ସରକାରୀ ସହାୟତାକୁ ଅପେକ୍ଷା କରି ତା'ର ଅସ୍ତିତ୍ୱ ହରାଇ ବସିଛି । ଏହି ସ୍କୁଲରେ ଆଉ ଆଗଭଳି ଅନ୍ତେବାସୀ କିମ୍ବା ଛାତ୍ରୀଛାତ୍ର ଆସୁ ନାହାନ୍ତି । ଅଳକୁଣ୍ଡ ଶିବମ ଶିଳ୍ପ ଓ ରୋଜ ଶିକ୍ଷାନୁଷ୍ଠାନର ଅବସ୍ଥା ମଧ୍ୟ ଅନୁରୂପ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଯାଜପୁରରୋଡ କନ୍ହେଇପୁରସ୍ଥିତ ଶାନ୍ତି ନିବାସରେ ୫୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଅନ୍ତେବାସୀ ଆଶ୍ରିତ। ଏହି ଅନୁଷ୍ଠାନ ମଧ୍ୟ କେତେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଚାଲିଛି। ଏହାବାଦ ଜାରକାରେ ମଧ୍ୟ ଏକ ବେସରକାରୀ ମୂକବଧିର ସ୍କୁଲ ରହିଛି। ସରକାରୀ ସହାୟତା ବିନା ହଷ୍ଟେଲରେ ରହି ପାଠ ପଢୁଥିବା ମୂକବଧିର ଅନ୍ତେବାସୀଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପିଇବା ପାଣି ଯୋଗାଣରେ ଅବ୍ୟବସ୍ଥା ଏବଂ ବିଦ୍ୟାଳୟ ପରିସରରେ ଅତ୍ୟାଧୁନିକ ପାଇଖାନା ଓ ସ୍ନାନାଗାର ସୁବିଧା କରାଯାଉ ନ ଥିବାରୁ ଅନ୍ତେବାସୀଙ୍କ ଜୀବନ ଦୁର୍ବିଷହ ହୋଇପଡିଛି । ଭିନ୍ନକ୍ଷମମାନଙ୍କ ପାଇଁ ଜିଲାରେ ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି । ହେଲେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର, ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ଚରମ ଅବହେଳା କରାଯାଉଥିବା ଏସବୁରୁ ସ୍ପଷ୍ଟ ହେଉଛି।

ଜିଲା ଭିନ୍ନକ୍ଷମ କମିଟିର ସଦସ୍ୟ ମଣ୍ଟୁ ଦାସ କହିଛନ୍ତି, ଭିନ୍ନକ୍ଷମମାନଙ୍କୁ ଅଧିକାର ମିଳିବ ବୋଲି ସରକାର କେବଳ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ବାସ୍ତବରେ ସେମାନଙ୍କୁ ଅଲୋଡ଼ା କରାଯାଉଛି। ବିଡମ୍ବନା ଯେ, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଏଠାରେ ନାହିଁ। ଏହାସହ ଭିନ୍ନକ୍ଷମମାନଙ୍କୁ ପ୍ରମାଣପତ୍ର ଯୋଗାଇ ଦେବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛି। ୪ ମାସ ତଳେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ଶିବିରରେ ଯେଉଁ ଭିନ୍ନକ୍ଷମମାନେ ପଞ୍ଜୀକରଣ କରିଥିଲେ, ସେମାନଙ୍କୁ କୌଣସି ପ୍ରକାର ସୁବିଧା ମିଳିଲା ନାହିଁ। ରସୁଲପୁର ବ୍ଲକରେ ଥିବା ୧୦୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ନିୟମିତ ଭାବେ ଭତ୍ତା ମିଳୁନାହିଁ। ଭିନ୍ନକ୍ଷମ ଶିଶୁମାନଙ୍କୁ ଉପଯୁକ୍ତ ଭାବେ ଶିକ୍ଷା ମିଳୁ ନ ଥିବାରୁ ସେମାନେ ଶିକ୍ଷା ଅଧିକାରରୁ ବଞ୍ଚିତ ରହୁଛନ୍ତି।

ଏ ସଂକ୍ରାନ୍ତରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଭିନ୍ନକ୍ଷମମାନଙ୍କ ପାଇଁ ପ୍ରଣୀତ ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ବେସରକାରୀ ସ୍କୁଲଗୁଡ଼ିକୁ ସରକାରୀ ସହାୟତା ଦିଆଯାଉଛି।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କଳିଙ୍ଗନଗର,୨।୧୨(ଡି.ଏନ.ଏ.)

ଚୋରଦା-ଡୁବୁରୀ ରାସ୍ତା ବାରଗାଡ଼ିଆ ଗାଁର ଟୋଲଗେଟ୍ ନିକଟରେ ଗୁରୁବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ମୟୂରଭଞ୍ଜ ଜିଲାର କୁନା ଲୋହାର। ସେ କୌଣସି କାମରେ କଳିଙ୍ଗନଗରକୁ ବାଇକ୍‌ରେ ଆସିଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କଳିଙ୍ଗନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି।

# କଳିଙ୍ଗନଗର ପୁସ୍ତକ ମେଳାକୁ ସରକାରୀ ସ୍ୱୀକୃତି

## ଡିସେମ୍ବର ୧୭ରୁ ୨୨ ଯାଏ ଅନୁଷ୍ଠିତ ହେବ

ଯାଜପୁର ରୋଡ୍,୨।୧୨(ଡି.ଏନ.ଏ.)

୭ମ କଳିଙ୍ଗନଗର ପୁସ୍ତକ ମେଳାକୁ ସରକାରୀ ସ୍ୱୀକୃତି ମିଳିଛି। ଏହିକ୍ରମରେ ଶୁକ୍ରବାର କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଚୋରଦା କାଳୀ ମେଳଣ ପଡ଼ିଆରେ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ବାହାରୁ ବହୁ ସୁନାମଧନ୍ୟ ପୁସ୍ତକ ବିକ୍ରେତା ଓ ପ୍ରକାଶକ ସାମିଲ ହେବେ। ଏପରିକି ରାଜ୍ୟ ତଥା ଜିଲା ସ୍ତରୀୟ କବି, ଲେଖକ ତଥା ପ୍ରଶାସକମାନେ ଯୋଗଦେବେ। ୫୦ରୁ ଊର୍ଦ୍ଧ୍ୱ ବୁକ୍‌ଷ୍ଟଲ୍ ଖୋଲିବ। ସୂଚନାଯୋଗ୍ୟ ଯେ, ଏ ବର୍ଷ ପୁସ୍ତକମେଳାକୁ ଜିଲା ସଂସ୍କୃତି ବିଭାଗ ତତ୍ତ୍ୱାବଧାନରେ ପରିଚାଳନା କରିବାକୁ ଜିଲାପାଳଙ୍କ ଅନୁମୋଦନ କ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଏହି ବୈଠକ ଆୟୋଜନ କରିଛନ୍ତି। ଅଞ୍ଚଳର ସମସ୍ତ ସ୍କୁଲ କଲେଜ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କବି ଲେଖକ ଓ ସାହିତ୍ୟିକ, ସଂସ୍କୃତି ଓ କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ମେଳାରେ ସମ୍ବର୍ଦ୍ଧିତ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ, କଳା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୈଠକରେ ପୁସ୍ତକ ମେଳା କମିଟି ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ, ସବିତା ରାଉତ, ବିବେକାନନ୍ଦ ମହାନ୍ତି, ଧରିତ୍ରୀର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରାଙ୍କ ସମେତ ଅଭିମନ୍ୟୁ ମିଶ୍ର, ପବିତ୍ର ରଞ୍ଜନ ମହାନ୍ତି, ଚନ୍ଦ୍ରମଣି ସାମଲ, ଜ୍ଞାନରଞ୍ଜନ ରାଉତ, ଶିଶିର କୁମାର ରାଉତ, ଅଶ୍ୱିନୀ କୁମାର ଦାସ, ଦୁଷ୍ମନ୍ତ କୁମାର ରାଉତ, ବ୍ରଜେଶ୍ୱରୀ ସିଂହ, ବୀରକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାସନ ତରଫରୁ ଯାଜପୁର ରୋଡ୍ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ, ବ୍ୟାସନଗର ପୌର ପରିଷଦର ବରିଷ୍ଠ କର୍ମଚାରୀ ସୁଶାନ୍ତ କୁମାର ମଲ୍ଲିକ, ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ବରାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ. ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରକ୍ଷା କର୍ମୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଧର୍ମଶାଳା,୨।୧୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ୍ ଅଧୀନ ହରିଦାସପୁରସ୍ଥିତ ରାମ୍‌କୋ ସିମେଣ୍ଟ୍ କାରଖାନାର ଜଣେ ସୁରକ୍ଷା କର୍ମୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମର ଦେବେନ୍ଦ୍ର ରାଉତ(୫୦)। ସେ ଦୀର୍ଘଦିନ ହେଲା ନିକଟସ୍ଥ ଗ୍ରାମରେ ଘର ଭଡ଼ା ନେଇ ରହିବା ସହିତ ରାମ୍‌କୋ କାରଖାନାରେ କାର୍ଯ୍ୟ କରି ଆସୁଥିଲେ। ଶୁକ୍ରବାର ସକାଳୁ ଡିୟୁଟିକୁ ଆସିବାରେ ତାଙ୍କର ବିଳମ୍ବ ହୋଇଥିଲା। ଫଳରେ ସହକର୍ମୀମାନେ ତାଙ୍କ ଭଡାଘରକୁ ଯାଇ ଦେଖିବାବେଳକୁ ସେ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୪୦/୨୨ ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରେ ଦେବେନ୍ଦ୍ରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।






















# ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ଗୋକୁଳାନନ୍ଦ ପୀଠ

**ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.)–ମୁଣ୍ଡ ଉପରେ ବିସ୍ତୀର୍ଣ୍ଣ ଆକାଶ । ସାମ୍ନାରେ ଘୁମନ୍ତ ବାଣେଶ୍ୱର ପାହାଡ଼ । ତଳକୁ ଚାହିଁଲେ ଦିଶିଯାଏ ମହାନଦୀ ପାର୍ଶ୍ୱ ଅଙ୍କାବଙ୍କା ରାସ୍ତା । ମନ୍ଦିରରୁ ନଦୀ ଶଯ୍ୟା ପର୍ଯ୍ୟନ୍ତ ଲମ୍ବିଛି ପାହାଚ । ନଦୀଠାରୁ ୫୦ ଫୁଟ ଉଚ୍ଚରେ ଏକ ଛୋଟ ପାହାଡ଼ ଉପରେ ରହିଛି ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିର । ଆଉ ମନ୍ଦିର ଚାରିପଟେ ଥିବା ଘଞ୍ଚ ଜଙ୍ଗଲର ସବୁଜ ପଣତ ପର୍ଯ୍ୟଟକମାନଙ୍କୁ କିଛି ସମୟ ଅଟକି ଯିବା ପାଇଁ ବାଧ୍ୟ କରେ.. ।**



ମନ୍ଦିରରୁ ଲମ୍ବିଥିବା ପାହାଚ ।

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଉତ୍ତର ପାର୍ଶ୍ୱ ମହାନଦୀ ଉପକଣ୍ଠ କଣ୍ଟିଲୋ ନୀଳମାଧବ ପୀଠରୁ ମାତ୍ର ୧୨କି.ମି. ଦୂରବର୍ତ୍ତୀ ସିଧାମୂଳାସ୍ଥ ଗୋକୁଳାନନ୍ଦ ପୀଠ । ପୀଠର ଆରାଧ୍ୟ ଠାକୁର ହେଉଛନ୍ତି ପ୍ରଭୁ ଗୋକୁଳାନନ୍ଦ । ମନ୍ଦିରର ମୁଖ୍ୟ ଦ୍ୱାର ପାହାଚ ନିକଟରେ 'ଅର୍ଜୁନ ବିଷାଦ ଯୋଗ'ର ରମ୍ୟ ଦୃଶ୍ୟ ଦେଖିବାକୁ ମିଳେ, ଯାହାକି ସମଗ୍ର ରାଜ୍ୟରେ ବିରଳ । ପ୍ରବେଶ ଦ୍ୱାର ନିକଟରେ ଯାତ୍ରୀ ମାନଙ୍କ ପାଇଁ ବିଶ୍ରାମାଗାର ଓ ରୋଷେଇ ଘରର ବ୍ୟବସ୍ଥା ରହିଛି । ବଣ ଭୋଜି ନିମନ୍ତେ ୨ କି.ମି. ଦୈର୍ଘ୍ୟ ବିଶିଷ୍ଟ ବୁଦ୍‌ବୁଦିଆ ଜଙ୍ଗଲ ଓ ନଦୀକୂଳର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ରହିଛି । ଏହା ଛଡା ମହାନଦୀରେ ନୌକା ବିହାର ପାଇଁବ୍ୟବସ୍ଥା ରହିଛି।ଏହିସ୍ଥାନର ଆଉ ଏକ ଆକର୍ଷଣ ହେଉଛି ଗୋକୁଳାନନ୍ଦ ପୀଠକୁ ଆସିଥିବା ପର୍ଯ୍ୟଟକମାନେ କଣ୍ଟିଲୋର ନୀଳମାଧବଜୀଉ ଓ ପଥରଚକଡାସ୍ଥିତ ମା' ନାରାୟଣୀଙ୍କୁ ମଧ୍ୟ ଦର୍ଶନ କରିପାରିବେ । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠକୁ ବର୍ଷର ସବୁ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସିଥାନ୍ତି । ବିଶେଷକରି ନଭେମ୍ବରରୁ ଜାନୁୟାରୀ ଶେଷଯାଏ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ । ପ୍ରତିବର୍ଷ ବଡ଼ଦିନ ଓ ନୂଆବର୍ଷରେ ହଜାର ହଜାର ପର୍ଯ୍ୟଟକ ଏଠାରେ ବଣଭୋଜି କରି ମଜା ଉଠାନ୍ତି । ଏହାଛଡା ପର୍ଯ୍ୟଟକମାନଙ୍କ ରହଣୀ ତଥା ପିକ୍‌ନିକ୍ ପାଇଁ ବନ ବିଭାଗ ପକ୍ଷରୁ ଏଠାରେ ଏକ ପରିବେଶ ପର୍ଯ୍ୟଟନ କେନ୍ଦ୍ର ସ୍ଥାପନ କରାଯାଇଛି । ପ୍ରାୟ ୪ଶହ ମିଟର ଉଚ୍ଚ ପାହାଡ ଉପରେ ଏକ ବଙ୍ଗଳା ନିର୍ମିତ ହୋଇଛି । ପର୍ଯ୍ୟଟକମାନେ ବନ ବିଭାଗଠାରୁ ଅନୁମତି ନେଇ ଏହି ବଙ୍ଗଳାରେ ରହିବାର ସୁବିଧା ନେଇ ପାରିବେ । ଭୁବନେଶ୍ୱରଠାରୁ ଗୋକୁଳାନନ୍ଦପୀଠର ଦୂରତ୍ୱ ପ୍ରାୟ ଶହେ କିଲୋମିଟର । ଭୁବନେଶ୍ୱର ଠାରୁ କଣ୍ଟିଲୋ ୮୦ କିମି. । ସେଠାକୁ ଯିବା ପାଇଁ ବସର ସୁବିଧା ଅଛି । ଏହାଛଡା ଭୁବନେଶ୍ୱର–ଗଣିଆ–ଦଶପଲ୍ଲା ବସରେ ଆସିଲେ ରାଜକିଆରୀ ଛକରେ ଓହ୍ଲାଇବାକୁ ହେବ । ଯଦି ପର୍ଯ୍ୟଟକ କଣ୍ଟିଲୋ ନୀଳମାଧବଜୀଉଙ୍କ ଦର୍ଶନ କରନ୍ତି ତେବେ ସେମାନଙ୍କୁ କଣ୍ଟିଲୋଠାରୁ ଅଟୋ କିମ୍ବା ଅନ୍ୟାନ୍ୟ ଗାଡ଼ିରେ ଗୋକୁଳାନନ୍ଦ ପୀଠକୁ ଯିବାକୁ ପଡିଥାଏ । ଏହି ପୀଠଟି ନୟାଗଡ଼ ଓ କଟକ ଜିଲା ସୀମାରେ ରହିଥିବାରୁ ପର୍ଯ୍ୟଟକମାନେ ଏଠାକୁ ଆସିବାରେ ବିଶେଷ କିଛି ଅସୁବିଧା ନ ଥାଏ ।



ଗୋକୁଳାନନ୍ଦ ଜୀଉ ।

# ବାର୍‌ହାଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ

**ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରେ ବାର୍‌ହାଙ୍କ ଉପଦ୍ରବ ଗତ କିଛିଦିନ ହେବ ଲାଗି ରହିଛି । ବାର୍‌ହାମାନେ ଧାନ, ଆଖୁ ଓ ପନିପରିବା ଫସଲ ନଷ୍ଟ କରୁଛନ୍ତି । ଏହା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଦିନ ଓ ରାତିରେ ପଲପଲ ବାର୍‌ହା ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ଚାଷ ଜମିକୁ ଚାଲି ଆସି ଫସଲ ନଷ୍ଟ କରୁଛନ୍ତି । ଅଧିକାଂଶ ସମୟରେ ସେମାନେ ଜନବସତି ଅଞ୍ଚଳକୁ ଚାଲିଆସି ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି। ଫଳରେ ଗ୍ରାମବାସୀ ଭୟରେ ଅଛନ୍ତି ।

ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସଂରକ୍ଷିତ ଜଙ୍ଗଲରେ ବାର୍‌ହାଙ୍କ ସଂଖ୍ୟା ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଛି। ବାର୍‌ହାଙ୍କ ବଂଶ ବୃଦ୍ଧି ସାଙ୍ଗକୁ ସଂରକ୍ଷିତ ଜଙ୍ଗଲରେ ଆବଶ୍ୟକ ଖାଦ୍ୟର ଅଭାବ ଲାଗି ରହିଛି । ଫଳରେ ଖାଦ୍ୟ ଅନ୍ୱେଷଣରେ ବାର୍‌ହାମାନେ ଜନବସତି ଅଞ୍ଚଳକୁ ଚାଲି ଆସି ଫସଲ ନଷ୍ଟ କରୁଛନ୍ତି । ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡ଼ା, କିଆଝର, ଗଡ଼ିଆସାହି, କୋସକା, କୁମ୍ଭାରପଡ଼ା, ବଳଭଦ୍ରପ୍ରସାଦ, ରୟତଢୋଲମରା, ସିଧାମୂଳା, ବାଣପୁର, ବେଣାଗାଡିଆ, ମର୍ଦ୍ଦରାଜପୁର, ବୋଦଶା, ବନମାଳୀପୁର, ଶାଳଝରିଆ, ଗୁଣ୍ଠୁଣି, ଯୋଗିଆପଲ୍ଲୀ, ରାଣୀପଡ଼ା ଏବଂ ଭାପୁର ବ୍ଲକ ଅଧୀନ ଧାନଚେଙ୍ଗଡା, ପଥରଚକଡ଼ା, କେନ୍ଦୁପଲ୍ଲୀ ଆଦି ପଞ୍ଚାୟତର ଚାଷୀମାନେ ଏଥିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶତାଧିକ ବାର୍‌ହା ଫସଲ ଖାଇଯିବା ସହିତ ରାତି ତମାମ ଉପଦ୍ରବ କରୁଛନ୍ତି । ବାରହାପଲଙ୍କୁ ଘଉଡାଇବା ପାଇଁ ଚାଷୀମାନଙ୍କୁ ନାକେଦମ ହେବାକୁ ପଡୁଛି । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ବାବଦରେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ାର ଚାଷୀମାନେ ଦାବି କରିଛନ୍ତି ।

## ଯୁବକଙ୍କ ଆକ୍ରମଣରେ ମା'ଝିଅ ଆହତ

ନୟାଗଡ଼ ଅଫିସ,୨।୧୨:ନୟାଗଡ଼ ଟାଉନ ଥାନା ଘଡୁଆଳ ଗାଁରେ ଜଣେ ଯୁବକଙ୍କ ଆକ୍ରମଣରେ ଗୁରୁବାର ଜଣେ ମହିଳା ଓ ତାଙ୍କ ଝିଅ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ କୁରାଳରୁ ଦୀପକ ପାଳଙ୍କୁ ଗିରଫ କରଛି । ଅନ୍ୟପକ୍ଷେ ଦୀପକଙ୍କ ମା'ବାପାଙ୍କୁ ଅନୁରୂପ ଭାବେ ଗିରଫ କରାଯାଇଛି। ଆକ୍ରମଣ ପଛରେ ଏକତରଫା ପ୍ରେମ ଥିବା ଜଣାପଡିଛି ।

## ଠିକା ସଂସ୍ଥା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ନୟାଗଡ଼ ଅଫିସ,୨।୧୨:

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଉଟ ସୋର୍ସିଂ ସଂସ୍ଥା ନିଯୁକ୍ତିରେ ଅନିୟମିତତା ହୋଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ଠିକା ନିଯୁକ୍ତି ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ପ୍ରଥମ ସଂସ୍ଥାକୁ ବାଦ୍ ଦେଇ ୨ୟଙ୍କୁ ନିଯୁକ୍ତି ପାଇଁ ପ୍ରୟାସ ଚାଲିଛି ବୋଲି ଅଭିଯୋଗ ଉଠିଛି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କୁହନ୍ତି, ଟେଣ୍ଡର ଠିକ୍‌ଠାକ ଚାଲିଛି। ପ୍ରଥମ ସଂସ୍ଥା ଆବଶ୍ୟକ କାଗଜପତ୍ର ଡିପୋଜିଟ୍ ନ କରି ଚାପ ସୃଷ୍ଟି କରୁଛନ୍ତି । ଏନେଇ ସଂପୃକ୍ତ ସଂସ୍ଥାର ଓକିଲଙ୍କୁ ଅବଗତ କରାଯାଇଛି ।

## ଇଣ୍ଡିଆନ ଟ୍ୟାଲେଣ୍ଟ ଅଲମ୍ପିଆଡ ପରୀକ୍ଷା

ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.)–ଇଂଲିଶ ମାଧ୍ୟମ ବିଦ୍ୟାଳୟରେଅଧ୍ୟୟନରତଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଖଣ୍ଡପଡା ସହରସ୍ଥିତ ଓମ୍ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ପ୍ରଥମ କରି ଇଣ୍ଡିଆନ ଟ୍ୟାଲେଣ୍ଟ ଅଲମ୍ପିଆଡ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟସ୍ତରରେ ଆୟୋଜିତ ଏହି ପରୀକ୍ଷାରେ ଉଇସଡମ ଇଂଲିଶ ମିଡିୟମ ସ୍କୁଲ ଇଟାମାଟି, ୟୁନାଇଟେଡ ପବ୍ଲିକ ସ୍କୁଲ ଶରଣକୁଳରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଛାତ୍ରୀଛାତ୍ର ବିଜ୍ଞାନ, ଇଂଲିଶ,ଗଣିତ,କମ୍ପ୍ୟୁଟର, ଚିତ୍ରାଙ୍କନ, ସାମାଜିକ ଜ୍ଞାନ ଆଦି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରଦୀପ୍ତ କିଶୋର ମିଶ୍ର, ଅଧକ୍ଷ ସଞ୍ଜୟ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।





















